୬ ଏଥର ଋମ୍ପିୟନଙ୍କ ବିନା ଖେଳାଯିବ ଋମ୍ପିୟନ୍ସ ଟ୍ରଫି



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୨ ● ସଂଖ୍ୟା–୨୧ ● ୧୬ ଫେବୃଆରୀ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-21 ● 16th February 2025, Sunday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

### ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବ ଆଲୋଚନା ପରେ ଗୃହୀତ

# ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ହାସଲ ପାଇଁ ସରକାର ପ୍ରତିବଦ୍ଧ

**ଭୁବନେଶ୍ୱର, ୧୫।୨**
**ନ୍ୟୁଜ୍ ବ୍ୟୁରୋ**

୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ହାସଲ ଦିଗରେ ରାଜ୍ୟ ସରକାର ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି । ରାଜ୍ୟବାସୀଙ୍କୁ ସ୍ୱଚ୍ଛ-ଦୁର୍ନୀତିମୁକ୍ତ ତଥା ଲୋକାଭିମୁଖୀ ଶାସନ ବ୍ୟବସ୍ଥା ଯୋଗାଇବା ଦିଗରେ ସବୁ ପ୍ରକାର ପ୍ରୟାସ ଜାରି ରଖିଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି । ବିଧାନସଭାର ପ୍ରଥମ ଅଧିବେଶନରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି ବିଗତ ୨୪ବର୍ଷ ମଧ୍ୟରେ ପୂର୍ବ ସରକାର ଯାହା କରିପାରିନଥିଲେ ନୂଆ ସରକାର ରାଜ୍ୟରେ କ୍ଷମତାକୁ ଆସିବାର ୨୪ ମିନିଟ୍ ମଧ୍ୟରେ ପ୍ରଥମ କ୍ୟାବିନେଟ୍ ବୈଠକ ଠକାଇ ଅନେକ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ନିଷ୍ପତ୍ତି ଗ୍ରହଣ କରିବା ସହ ସେସବୁକୁ କାର୍ଯ୍ୟକାରି କରିବା ଦିଗରେ ଅଗ୍ରସର ହେଉଛନ୍ତି । ତେବେ ମୁଖ୍ୟମନ୍ତ୍ରୀ



ଗୃହରେ ଉତ୍ତର ଦେବା ଆରମ୍ଭ କରିବା ପରେ ବିରୋଧୀ ଦଳ ପ୍ରଥମେ କଂଗ୍ରେସ ଏବଂ ତା ପରେ ବିଜେଡ଼ିର ବିଧାୟକମାନେ ଏଥିରେ ଅସନ୍ତୋଷବ୍ୟକ୍ତ କରି କକ୍ଷତ୍ୟାଗ କରିଥିଲେ ।

ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତର ଦେବା ବେଳେ ବିରୋଧୀ ଦଳ ପକ୍ଷରୁ କରାଯାଇଥିବା ସମସ୍ତ ଅଭିଯୋଗକୁ ଦୃଢ ଭାବେ ଖଣ୍ଡନ କରିଥିଲେ । ରାଜ୍ୟରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ଭୁଶୁଡି ପଡିଥିବା ନେଇ ବିରୋଧୀ ଦଳ ନେତାଙ୍କ ଅଭିଯୋଗର ଜବାବ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ବିଗତ ୮ମାସ ମଧ୍ୟରେ ରାଜ୍ୟରେ ଯେଉଁ ସବୁ ଅଞ୍ଚଳରେ ଚୋରୀ, ଡକାୟତି, ହତ୍ୟାକାଣ୍ଡ ଏବଂ ଅନ୍ୟାନ୍ୟ ଅପରାଧ ଘଟିଛି ସେସବୁ ଉପରେ ତ୍ୱରିତ୍ୱ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସଂପୃକ୍ତ ଅପରାଧୀମାନଙ୍କୁ ଗିରଫ (ପୃଷ୍ଠା ୭ରେ)

## ଟଙ୍କା ଆଖି ସବୁ ଦେଖୁଛି ବିରୋଧୀ ଦଳ ନେତା

**ଭୁବନେଶ୍ୱର, ୧୫।୨**
**ନ୍ୟୁଜ୍ ବ୍ୟୁରୋ**

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶନିବାର ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ ସଂକ୍ରାନ୍ତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ଶ୍ରୀ ପଟ୍ଟନାୟକ ରାଜ୍ୟପାଳଙ୍କ ଅଭିଭାଷଣକୁ ବିରୋଧ କରୁଛି ବୋଲି କହିଛନ୍ତି । ସେ ଅଭିଭାଷଣରେ ସରକାର ନିଜ ବିଫଳତା ଲୁଚାଇବାକୁ ଚେଷ୍ଟା କରିଛନ୍ତି । ପୂର୍ବ ସରକାରର ସଫଳତାର ଶ୍ରେୟ ନେବାକୁ ଚେଷ୍ଟା ହୋଇଛି । ଜବରଦସ୍ତ ଶ୍ରେୟ ନେବା ସ୍ଥାନରେ ଡବଲ ଇଞ୍ଜିନ ସରକାର ଦରଦାମ ବୃଦ୍ଧି, ଆଇନ ଶୃଙ୍ଖଳା ଭୁଶୁଡିବା ଓ ନିଯୁକ୍ତି ଉପରେ ହେବାରେ (ପୃଷ୍ଠା ୭ରେ)

### ବିଧାନସଭାରେ ଉପସ୍ଥାପିତ ହେଲା ଅର୍ଥନୈତିକ ସର୍ଭେ ରିପୋର୍ଟ

# ୨୦୨୪-୨୫ରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର ୭.୨ ପ୍ରତିଶତ ରହିବ

**ଭୁବନେଶ୍ୱର, ୧୫।୨**
**ନ୍ୟୁଜ୍ ବ୍ୟୁରୋ**

୨୦୨୪-୨୫ ମସିହାରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର ବାସ୍ତବରେ ୭.୨ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି । ଏହା ସର୍ବଭାରତୀୟ ସ୍ତରର ୬.୪ ପ୍ରତିଶତ ତୁଳନାରେ ଅଧିକ । ଶନିବାର ବିଧାନସଭାରେ ଉପସ୍ଥାପିତ ହୋଇଥିବା ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଏହି ଆକଳନ କରାଯାଇଛି ।

୨୦୨୪-୨୫ରେ ଜିଏସଡିପି ତଥ୍ୟ ଅନୁସାରେ ଓଡ଼ିଶାର ଅର୍ଥନୀତିର ଆକାର ୯.୫ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି, ଯାହା ୨୦୨୩-୨୪ରେ ୮.୬ ଲକ୍ଷ କୋଟି ଟଙ୍କାରୁ ୧୦% ବୃଦ୍ଧି ପାଇଛି ।

୨୦୨୪-୨୫ ଆର୍ଥିକ ବର୍ଷରେ ସମସ୍ତ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଘଟିଛି ଏବଂ ଆଗାମୀ ବର୍ଷ ଗୁଡ଼ିକରେ ରାଜ୍ୟ ଦ୍ରୁତ ଅଭିବୃଦ୍ଧି ପାଇଁ ପ୍ରସ୍ତୁତ ହେଉଛି । ଉତ୍କର୍ଷ ଓଡ଼ିଶା ମାଧ୍ୟମରେ ଅଧିକ ପୁଞ୍ଜି ନିବେଶ ଏବଂ ପୁଞ୍ଜିନିବେଶ ଉଦ୍ଦେଶ୍ୟ ଭବିଷ୍ୟତରେ ରାଜ୍ୟର ଅଭିବୃଦ୍ଧି ହାରକୁ ଆହୁରି ବୃଦ୍ଧି କରିବ ।

୨୦୨୪-୨୫ ଅଗ୍ରୀମ ଆକଳନରେ ଓଡ଼ିଶାର ମୁଣ୍ଡପିଛା ଆୟ ୧୦.୬ ପ୍ରତିଶତ




## ମୁଣ୍ଡ ପିଛା ଆୟରେ ଏକାଦଶ ସ୍ଥାନରେ ଓଡ଼ିଶା

ବୃଦ୍ଧି ପାଇ ୧,୮୨,୫୪୮ ଟଙ୍କାରେ ପହଞ୍ଚିଥିବା ବେଳେ ସର୍ବଭାରତୀୟ ସ୍ତରରେ ମୁଣ୍ଡପିଛା ଆୟ ୮.୭% ବୃଦ୍ଧି ପାଇଛି । ୨୦୨୪-୨୫ରେ ଭାରତର ମୁଣ୍ଡପିଛା ଆୟ ୨,୦୦,୧୬୨ ଟଙ୍କା ତୁଳନାରେ ରାଜ୍ୟର ମୁଣ୍ଡପିଛା ଆୟ ୮.୮ ପ୍ରତିଶତ କମ୍ ଏବଂ ଏହା ସର୍ବଭାରତୀୟ ମୁଣ୍ଡ ପିଛା ଆୟର ନିକଟତର ହେଉଛି ।

୨୦୨୩-୨୪ ଅର୍ଥିକ ବର୍ଷର ତଥ୍ୟ ଅନୁଯାୟୀ ଯଦି ଓଡିଶା ମୁଣ୍ଡପିଛା ଆୟବୃଦ୍ଧିକୁ ୧.୦ ପ୍ରତିଶତ ପଏଣ୍ଟରେ ତ୍ୱରାନ୍ୱିତ କରିବାରେ ସଫଳ ହୁଏ, ତେବେ ଆସନ୍ତା ୩ ବର୍ଷ ମଧ୍ୟରେ ରାଜ୍ୟର ମୁଣ୍ଡପିଛା ଆୟ ଜାତୀୟ ସ୍ତରର ମୁଣ୍ଡପିଛା ଆୟ ସହିତ ପ୍ରାୟ ସମକକ୍ଷ ହୋଇପାରିବ ।

ରାଜ୍ୟରେ ଉଭୟ ମହିଳା ଓ ମୋଟ ଶ୍ରମଶକ୍ତି ଅଂଶଗ୍ରହଣ ହାର (ଏଲ୍ ଏଫ୍ ପିଆର) ବୃଦ୍ଧି ପାଉଛି । ଓଡ଼ିଶାରେ ଏଲ୍ ଏଫ୍ ପିଆର୍ (୧୫ ବର୍ଷରୁ ଅଧିକ ବୟସ୍କଙ୍କ ପାଇଁ) ୨୦୧୮-୧୯ରେ ୫୧.୨ ପ୍ରତିଶତ ଥିବାବେଳେ ୨୦୨୩-୨୪ରେ ଏହା ୬୪.୯ ପ୍ରତିଶତକୁ ବୃଦ୍ଧି ପାଇଛି । ରାଜ୍ୟର ଶ୍ରମଶକ୍ତି ଅଂଶଗ୍ରହଣ ହାର ସର୍ବଭାରତୀୟ ସ୍ତର (୫୮ ପ୍ରତିଶତ) (ପୃଷ୍ଠା ୭ରେ)

## ସାର୍ବଜନୀନ ହେବ ରତ୍ନଭଣ୍ଡାର ଅଳଙ୍କାରର ତଥ୍ୟ



**ଭୁବନେଶ୍ୱର, ୧୫।୨**
**ନ୍ୟୁଜ୍ ବ୍ୟୁରୋ**

ରତ୍ନ ଭଣ୍ଡାରରେ କେତେ ଅଳଙ୍କାର ରହିଛି ଖୁବଶୀଘ୍ର ତାହାର ତଥ୍ୟ ସାର୍ବଜନୀନ କରିବେ ରାଜ୍ୟ ସରକାର । ଗଣତି ମଣତି ଶେଷ ହେବା ପରେ ରତ୍ନ ଭଣ୍ଡାରେ କେତେ ଅଳଙ୍କାର ରହିଛି ତାର ତଥ୍ୟ ଦିଆଯିବ ବୋଲି ବିଧାନସଭାରେ ପ୍ରକାଶ କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ମରାମତି କାର୍ଯ୍ୟ ବର୍ତ୍ତମାନ ଚାଲୁ ରହିଛି । ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଆଇନ୍ ମନ୍ତ୍ରୀ କହିଛନ୍ତି ମରାମତି ଶେଷ ହେବା ପରେ ଆରମ୍ଭ ହେବ ରତ୍ନ ଭଣ୍ଡାରର ଗଣତି ମଣତି । ଶେଷ ଥର ୧୯୭୮ ମସିହାରେ ରତ୍ନ ଭଣ୍ଡାର ଖୋଲାଯାଇ ଗଣତି ମଣତି କରାଯାଇଥିଲା ।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ବିରୋଧୀଙ୍କ ହଟ୍ଟଗୋଳ, ନାରାବାଜି ଯୋଗୁ ଚାଲିପାରିଲାନି ପ୍ରଶ୍ନକାଳ

**ଭୁବନେଶ୍ୱର, ୧୫।୨**
**ନ୍ୟୁଜ୍ ବ୍ୟୁରୋ**

ପୂର୍ବଦିନ ପରି ଶନିବାର ମଧ୍ୟ ବିଧାନସଭାର ପ୍ରଥମାର୍ଦ୍ଧ ବୈଠକରେ ବିରୋଧୀ ଦଳ ବିଧାୟକମାନଙ୍କ ହଟ୍ଟଗୋଳ ଓ ନାରାବାଜି ଯୋଗୁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା । ବୈଠକ ଆରମ୍ଭରୁ ବିରୋଧୀ ବିଜେଡ଼ି ଦଳର ବିଧାୟକମାନେ ଚାଷୀ ସମସ୍ୟା ବିଶେଷ କରି କଟନୀ ଛଟନୀ ହେଉଥିବା ଅଭିଯୋଗ ଉଠାଇ ଗୃହର ମଧ୍ୟ ଭାଗକୁ ଆସି ନାରାବାଜି ଆରମ୍ଭ କରିଥିଲେ । ବାଚସ୍ପତି ସୁରମା ପାଢୀ ବିରୋଧୀ ବିଧାୟକମାନଙ୍କୁ (ପୃଷ୍ଠା ୭ରେ)



### କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍.ପି. ସିଂହ ବାଘେଲଙ୍କ ଦ୍ୱାରା 'ରାଜ୍ୟଗୁଡ଼ିକରେ ପଞ୍ଚାୟତର ବିବର୍ତ୍ତନର ସ୍ଥିତି' ଉପରେ ରିପୋର୍ଟ ଉନ୍ମୋଚିତ

# ୫ ବର୍ଷ ମଧ୍ୟରେ ଗ୍ରାମୀଣ ସ୍ଥାନୀୟ ସଂସ୍ଥାକୁ ବିବର୍ତ୍ତନ ପାଣ୍ଠି ୪୩.୯% କୁ ବୃଦ୍ଧି

**ନୂଆଦିଲ୍ଲୀ, ୧୫।୨**

ରାଜ୍ୟଗୁଡ଼ିକରେ ପଞ୍ଚାୟତକୁ ବିବର୍ତ୍ତନର ସ୍ଥିତି ସମ୍ପର୍କିତ ରିପୋର୍ଟକୁ ଶନିବାର କେନ୍ଦ୍ର ସରକାରଙ୍କ ପଞ୍ଚାୟତିରାଜ ଏବଂ ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍.ପି ସିଂହ ବାଘେଲ ଉନ୍ମୋଚନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରଣାଳୟର ସଚିବ ବିବେକ ଭରଦ୍ୱାଜ, ପଞ୍ଚାୟତିରାଜ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ସୁଶୀଲ କୁମାର ଲୋହାନି, ନୀତି ଆୟୋଗର ପରାମର୍ଶଦାତା ରାଜୀବ ସିଂହ ଠାକୁର, ପଞ୍ଚାୟତିରାଜ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଆଲୋକ ପ୍ରେମ ନାଗର ଏବଂ ମନ୍ତ୍ରଣାଳୟର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ନୂଆଦିଲ୍ଲୀର ଭାରତୀୟ ଲୋକ ପ୍ରଶାସନ ସଂସ୍ଥାନର ଅଧ୍ୟାପକ ସଦସ୍ୟମାନେ ଉପସ୍ଥିତ ଥିଲେ ।

ଏହି ଅବସରରେ ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରି, କେନ୍ଦ୍ର ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍.ପି. ସିଂହ ବାଘେଲ ତାଙ୍କ ଭାଷଣରେ କହିଥିଲେ ଯେ ଭାରତର ସାମଗ୍ରିକ, ଅନ୍ତର୍ଭୁକ୍ତି ଏବଂ ସ୍ଥାୟୀ ବିକାଶ ପାଇଁ ପଞ୍ଚାୟତ ବିକଳ୍ପ ସୂଚକାଙ୍କ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା କେବଳ ଭଲ ପ୍ରଦର୍ଶନ କରିଥିବା ରାଜ୍ୟଗୁଡ଼ିକୁ ପ୍ରେରଣା ଦିଏ ନାହିଁ ବରଂ ରାଜ୍ୟ ସରକାରଙ୍କୁ ଗ୍ରାମୀଣ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସଶକ୍ତ କରୁଥିବା ଏକ ପରିବେଶ ସୃଷ୍ଟି କରିବାକୁ ମଧ୍ୟ ଉତ୍ସାହିତ କରେ । ଉତ୍ତର ପ୍ରଦେଶର ଉଲ୍ଲେଖନୀୟ ପ୍ରଗତି ଉପରେ କେନ୍ଦ୍ରମନ୍ତ୍ରୀ ଆଲୋକପାତ କରିବା ସହ ପଞ୍ଚାୟତ (ପୃଷ୍ଠା ୭ରେ)

## ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ପର୍ଯ୍ୟନ୍ତ ବଢ଼ିଲା ରାସନ କାର୍ଡ ଇ-କେୱାଇସି ସମୟ ସୀମା

**ଭୁବନେଶ୍ୱର, ୧୫।୨**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ରାସନ କାର୍ଡ ଇ-କେୱାଇସି ଅପଡେଟ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ପ୍ରଦାନ କରିଛନ୍ତି । ପଞ୍ଚମ ଥର ପାଇଁ ଏହି ସମୟସୀମା ବୃଦ୍ଧି କରିଛନ୍ତି ରାଜ୍ୟ ସରକାର । ଶନିବାର ଇ-କେୱାଇସି ଅପଡେଟର ଅବଧି ସରିବାର ଥିଲା । କିନ୍ତୁ ଏହି ଅବଧିକୁ ପୁଣି ମାର୍ଚ୍ଚ ୩୧ ତାରିଖ ଯାଏଁ ବଢାଇ ଦେଇଛନ୍ତି ସରକାର ।

ବର୍ତ୍ତମାନ ସୁଦ୍ଧା ୩୭ ଲକ୍ଷ ଲୋକ ଇକେୱାଇସି କରିନାହାନ୍ତି । ଯେଉଁମାନେ ବି ଇ-କେୱାଇସି କରିନାହାନ୍ତି ସେମାନଙ୍କୁ ପୁଣି



ଏକ ସୁଯୋଗ ଦେଇଛନ୍ତି ରାଜ୍ୟ ସରକାର । ଯେଉଁମାନେ ଇ-କେୱାଇସି କରିନାହାନ୍ତି ସେମାନେ ମାର୍ଚ୍ଚ ୩୧ ସୁଦ୍ଧା କରାଇ ନିଅନ୍ତୁ ବୋଲି ମନ୍ତ୍ରୀ କହିଛନ୍ତି । (ପୃଷ୍ଠା ୭ରେ)

# ୬ ବର୍ଷରେ ରାଜ୍ୟରେ ୮ ହଜାର ୧୫୯ଟି ବାଲ୍ୟବିବାହ ହୋଇଛି

**ଭୁବନେଶ୍ୱର, ୧୫।୨**
**ନ୍ୟୁଜ୍ ବ୍ୟୁରୋ**

ଦେଶ ସ୍ୱାଧୀନତାର ୭୮ବର୍ଷ ଅତିକ୍ରମ କରିସାରିଛି । ସରକାର ବିକଶିତ ଓଡ଼ିଶା, ବିକଶିତ ଭାରତ ପାଇଁ କାମ କରୁଛନ୍ତି ବୋଲି କହୁଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନରେ ପରିବର୍ତ୍ତନ ହୋଇଛି । ଅତ୍ୟାଧୁନିକ ସୁବିଧା ଥିବା ସମୟରେ ପୁରାତନ ମାନସିକତା ନେଇ ରାଜ୍ୟରେ ଲକ୍ଷ ଲକ୍ଷ ଲୋକଙ୍କୁ ବଞ୍ଚିବାକୁ ପଡୁଛି । ସରକାରୀ କାଗଜପତ୍ରରେ ବିବାହ ପାଇଁ ବୟସ ସୀମା ସିନା ଧାର୍ଯ୍ୟ ହୋଇଛି, ଏହାକୁ ଠିକ ଭାବେ ସବୁଠି ପାଳନ କରାଯାଉନାହିଁ । ଫଳସ୍ୱରୂପ ବାଲ୍ୟବିବାହର ପ୍ରଥା ଏବେ ବଞ୍ଚି ରହିଛି । ଆଉ ଓଡ଼ିଶା ଭଳି ରାଜ୍ୟରେ ମଧ୍ୟ ଏହା କମିନାହିଁ । ବିଧାନସଭାର ବଜେଟ ଅଧିବେଶନର ତୃତୀୟ



ଦିନରେ ଶନିବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଉତ୍ତରରୁ ଏହା ସ୍ପଷ୍ଟ ହୋଇଛି ।

ବିଜେଡିର ବରିଷ୍ଠ ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି, ଗତ ୬ ବର୍ଷରେ ରାଜ୍ୟରେ ୮ ହଜାର ୧୫୯ଟି ବାଲ୍ୟବିବାହ ହୋଇଛି । ଏହି ସମୟ ମଧ୍ୟରେ ନବରଙ୍ଗପୁରରେ ସର୍ବାଧିକ ୧୩୪୭ଟି ବାଲ୍ୟବିବାହ ହୋଇଛି । ତାଲିକାର ଦ୍ୱିତୀୟରେ ଥିବା ଗଞ୍ଜାମ ଜିଲ୍ଲାରେ ୯୬୬ଟି ବାଲ୍ୟ ବିବାହ ହୋଇଛି । ସେହିପରି କୋରାପୁଟରେ ୬୩୬ ବାଲ୍ୟ ବିବାହ ହୋଇଛି ।

ସମ୍ବେଦନଶୀଳ ପ୍ରସଙ୍ଗକୁ ଯଦି ଦେଖିବେ, ରାଜ୍ୟରେ ୬ ବର୍ଷ ମଧ୍ୟରେ ୩୨୮ ଶିଶୁ ଶ୍ରମିକ ଉଦ୍ଧାର ହୋଇଛନ୍ତି । ବାଲ୍ୟବିବାହରେ ରୋକ ଲଗାଇବାକୁ ବ୍ଲକସ୍ତରରେ, ଅଙ୍ଗନବାଡ଼ି ସ୍ତରରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ପ୍ରତି ୩ ମାସରେ ବ୍ଲକ, ଗ୍ରାମପଞ୍ଚାୟତସ୍ତରରେ ସଚେତନତା ସଭା କରାଯାଉଛି ।

୧୮ ବର୍ଷ ପୂର୍ବରୁ (ପୃଷ୍ଠା ୭ରେ)

## ୧୭ ଓ ୨୪ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୧୫।୨**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୧୭ ଏବଂ ୨୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ । ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ (ବଜେଟ ଅଧିବେଶନ) ବଳବତ୍ତର ଥିବାରୁ ଏହି ସୋମବାର ଗୁଡ଼ିକରେ ଭୁବନେଶ୍ୱର, ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ଏ ସଂପର୍କରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଏକାଳ ପଖାଳ



ନୂଆ ସଭାପତି ଅଣ୍ଟା ଭିଡିଛନ୍ତି
ପୁରି ଉଠିଲାଣି ଘର
ପୁରୁଣା ପୁରୁଖା ନେତା ବାହୁଡିଲେ
ହାତରେ ଆସୁଛି ଯୋର
ଆଉ ହେବେ ନାହିଁ ନାରଖାର
ଗୋଟା ସାଉଣ୍ଟାରେ ଏକେ ହେଲେଣି
ପିମ୍ପୁଡିଠି ଲାଗେ ପର ।

# ଗ୍ରୀଷ୍ମ ପ୍ରବାହ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି : ଏସ୍‌ଓପି ଜାରି



**ଭୁବନେଶ୍ୱର, ୧୫।୨**
**ନ୍ୟୁଜ୍ ବ୍ୟୁରୋ**

ଅସାଧାରଣ ବର୍ଷା ଏବଂ ଅନିୟମିତ ଜଳବାୟୁ ପ୍ରବାହ ଯୋଗୁଁ ଗ୍ରୀଷ୍ମ ଋତୁରେ ତାପମାତ୍ରା ଅସ୍ୱାଭାବିକ ଭାବରେ ବୃଦ୍ଧି ପାଇବା ଆରମ୍ଭ କରିଛି । ଏହା ବ୍ୟତୀତ, ବଡ ବଡ କୋଠା ପୃଷ୍ଠ, ଅଧିକ ରାସ୍ତା ପୃଷ୍ଠ ଏବଂ ସୌରତାପ ଶକ୍ତି ଶୋଷଣ କରୁଥିବା ଭିତ୍ତିଭୂମି ଯୋଗୁଁ ସହରାଞ୍ଚଳଗୁଡ଼ିକରେ ଗ୍ରୀଷ୍ମ ଋତୁରେ ଅଧିକ ତାପମାତ୍ରା ଅନୁଭୂତ ହେଉଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୃହ ଓ ନଗର ଉନ୍ନୟନ ବିଭାଗ ଏକ ବିସ୍ତୃତ ଏସ ଓ ପି ଜାରି କରି ଏହାକୁ କଡା କଡ଼ି ପାଳନ କରିବା ଏବଂ ସମସ୍ତ ପୌରାଞ୍ଚଳ ଦ୍ୱାରା ଆବଶ୍ୟକ ପଦକ୍ଷେପ ନେବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ।

ସମସ୍ତ ସହରାଞ୍ଚଳରେ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ଆବଶ୍ୟକ । ଏହି ଉଦ୍ଦେଶ୍ୟରେ, ଜଳ ଯୋଗାଣ ପାଇପଲାଇନଗୁଡ଼ିକୁ ସଠିକ୍ କାର୍ଯ୍ୟକ୍ଷମ ଅବସ୍ଥାରେ ରଖାଯିବା ଉଚିତ ଏବଂ ଏ ସମ୍ପର୍କିତ ଯେକୌଣସି ଅଭିଯୋଗର ୨୪ ଘଣ୍ଟା ମଧ୍ୟରେ ସମାଧାନ କରାଯିବା ଆବଶ୍ୟକ ବୋଲି ଏଥିରେ କୁହାଯାଇଛି ।

ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଜରୁରୀକାଳୀନ ପଦକ୍ଷେପ ଗ୍ରହଣ କରିବା , ପାନୀୟ ଜଳ ଯୋଗାଇବା ପାଇଁ ବିଭିନ୍ନ ଅଭାବୀ (ପୃଷ୍ଠା ୭ରେ)

## ପ୍ରୟାଗରାଜର ମେଜାରେ ତୀର୍ଥଯାତ୍ରୀଙ୍କ ବସ୍ ଓ ବୋଲେରୋ ମଧ୍ୟରେ ଧକ୍କା : ୧୦ ମୃତ

**ପ୍ରୟାଗରାଜ, ୧୫।୨**

ପ୍ରୟାଗରାଜ ଜିଲ୍ଲାରେ ମହାକୁମ୍ଭର ଆୟୋଜନ ମଧ୍ୟରେ ମେଜାରେ ରାତିରେ ହୋଇଥିବା ସଡକ ଦୁର୍ଘଟଣାରେ ୧୦ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ହୋଇଛି । ଦୁର୍ଘଟଣାରେ ୧୯ଜଣ ଆହତ ହୋଇଛନ୍ତି । ପୋଲିସ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଛି ।

ପୋଲିସ ସୂଚନା ଅନୁସାରେ, ଏହି ଦୁର୍ଘଟଣା ଜିଲ୍ଲାର ମେଜାରେ ପ୍ରୟାଗରାଜ-ମିରଜାପୁର ହାଇୱେରେ ଶୁକ୍ରବାର ବିଳମ୍ବିତ ରାତିରେ ପ୍ରାୟ ୨ଟା ବେଳେ ବସ୍ ଓ ମହାକୁମ୍ଭ ତୀର୍ଥଯାତ୍ରୀଙ୍କ ବୋଲେରୋ ସହ ଧକ୍କା ହୋଇଥିଲା । ଦୁର୍ଘଟଣାରେ ବୋଲେରୋ ସହିତ ତ୍ରିବେଣୀ ସଙ୍ଗମ ଯାଉଥିବା ସମସ୍ତ



୧୦ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ହୋଇଛି । ଏହି ସମସ୍ତ ତୀର୍ଥଯାତ୍ରୀ ଛତିଶଗଡର କୋରବା ଜିଲ୍ଲାର । ଏହି ଦୁର୍ଘଟଣାରେ ବସରେ ଥିବା ୧୯ ତୀର୍ଥଯାତ୍ରୀ ବି ଆହତ ହୋଇଛନ୍ତି । ଏହି ଯାତ୍ରୀମାନେ ସଙ୍ଗମ ସ୍ନାନ ପରେ ବାରଣାସୀ ଯାଉଥିଲେ । ଏମାନେ ମଧ୍ୟପ୍ରଦେଶର ରାଜଗଡ ଜିଲ୍ଲାର ବାସିନ୍ଦା ।





## ସୁନା, ନିଶାଦ୍ରବ୍ୟ ଚାଲାଣ ପାଇଁ ଆକାଶପଥ ନିରାପଦ

# ୪ ବର୍ଷରେ ୯୧କୋଟିର ସୁନା, ୨୧କୋଟିର ନିଶାଦ୍ରବ୍ୟ ଜବତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେତେବେଳେ କାର୍ଗୋରୁ ସୁନାଗହଣା ଆଉ କେତେବେଳେ ମଳଦ୍ୱାରରୁ ନିଶାଦ୍ରବ୍ୟ। ଗତ ୪ବର୍ଷ ମଧ୍ୟରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଦେଇ ବିଦେଶରୁ ଏଭଳି ଢଙ୍ଗରେ ୧୧୦ କେଜି ସୁନାଗହଣା, ୨୧ କେଜି ମାରିଜୁଆନା ଜବତ ହୋଇଛି। କେବଳ ଏତିକି ନୁହେଁ, ଆକାଶପଥରେ ପଶୁପକ୍ଷୀଙ୍କ ନିଷିଦ୍ଧ ଅଙ୍ଗ ବିଦେଶକୁ ପଠାଯାଉଛି। ସବୁଠାରୁ କଡ଼ା ସୁରକ୍ଷା ବଳୟରେ ରହୁଥିବା ବିମାନଯାତ୍ରାକୁ ଅନାୟାସରେ ଅପରାଧୀ ବ୍ୟବହାର କରୁଛନ୍ତି। କେତୋଟି ହାତଗଣତି ମାମଲା ଧରାପଡୁଥିବା ବେଳେ ଅଧିକାଂଶରେ ଅପରାଧୀ ସଫଳ ହେଉଛି। ବିମାନବନ୍ଦରରେ ଦେଇ କୌଣସି ଆପତ୍ତିଜନକ ଜିନିଷ ଯିବା କାଠିକର ପାଠ। ହେଲେ ମାଫିଆମାନେ



ପୁଲିସକୁ ଚକ୍‌ମା ଦେଇପାରୁଛନ୍ତି। ମେଟାଲ୍ ଡିଟେକ୍ଟର, ସ୍କାନର ସବୁ ଫେଲ୍ ମାରୁଛି। ଅପରାଧୀ କିଭଳି ଏତେ ସାହସ କରୁଛନ୍ତି? କିଏ ଏମାନଙ୍କୁ ସୁରକ୍ଷା ଯୋଗାଉଛି? ଚଳିତ ବର୍ଷ ଆରମ୍ଭରୁ ବିମାନବନ୍ଦରରୁ ୩ ଥରରେ ୨୧କୋଟି ଟଙ୍କାର ମାରିଜୁଆନା ଜବତ କରାଯାଇଥିଲା। ବଡ଼କଥା ହେଲା ଯେ ଏହି ମାରିଜୁଆନା ଚାଲାଣର ଚେର ବିଦେଶ ପର୍ଯ୍ୟନ୍ତ ଲମ୍ବିଛି। ଗତ ଜାନୁଆରୀ ୧୮ ତାରିଖରେ ପୁଣି ଜଣେ ଯୁବକ ବ୍ୟାଙ୍କକ୍‌ରୁ ୭କୋଟିର ମାରିଜୁଆନା ନେଇ ଆସୁଥିବା ବେଳେ ଧରାପଡ଼ିଥିଲା। ଗତ ୧୫ ତାରିଖରେ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ) ଓ କଷ୍ଟମସ୍ ବିଭାଗ ମିଳିତ ଚଢ଼ଉ କରି ୪କୋଟି ଟଙ୍କାର ମାରିଜୁଆନା ଜବତ କରିଥିଲେ। ଗତ ମାସ ୪ ତାରିଖରେ କ୍ୱାଲାଲୁମ୍ପୁରରୁ ୧୦କୋଟି ମୂଲ୍ୟର ୧୦ କେଜି ମାରିଜୁଆନା ଧରି ଆସୁଥିବା ବେଳେ ୨ ବଙ୍ଗୀୟ ମହିଳା ଧରାପଡ଼ିଥିଲେ। ୨୦୨୪ ଅଗଷ୍ଟ ୨୮ରେ ଭୁବନେଶ୍ୱର ବିମାନବନ୍ଦରରୁ ୮୭ କେଜି ସୁନା ଓ ୨୦୦ କେଜି ରୁପା ଜବତ ହୋଇଥିଲା। ଯାହାର ମୂଲ୍ୟ ୬୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ନିୟୁଜ୍ ଏୟାର ସର୍ଭିସ ଲଜିଷ୍ଟିକ୍‌ସର ଦୁଇଟି ଗାଡ଼ିରେ ୧୦ଟି ଟ୍ରଙ୍କ୍‌ରେ ଏହି ସୁନା ଓ ରୁପା ଚାଲାଣ ହେଉଥିବା ବେଳେ ଧରାପଡ଼ିଥିଲା। ଗତବର୍ଷ ୮ ମେ'ରେ ଦୁବାଇରୁ ଭୁବନେଶ୍ୱର ଆସିଥିବା ୪ ଜଣ ଯାତ୍ରୀଙ୍କ ଠାରୁ ୩.୭୭ କେଜି ସୁନା ଜବତ କରାଯାଇଥିଲା। ଯାହାର ମୂଲ୍ୟ ୨ କୋଟି ୭୯ ଲକ୍ଷ ଟଙ୍କା ହେବ। କୌତୁହଳପ୍ରଦ କଥା ହେଉଛି, ସୁନାକୁ ସେମାନେ କ୍ୟାପସୁଲ ମାଧ୍ୟମରେ ନିଜ ମଳଦ୍ୱାରରେ ଦୁବାଇରୁ ଆଣୁଥିଲେ। ଏପ୍ରିଲ୍ ୧୯ ତାରିଖରେ ଭୁବନେଶ୍ୱର ବିମାନବନ୍ଦରରୁ ମୁମ୍ବାଇ ଚାଲାଣ ବେଳେ ୩.୮କେଜି ଓଜନର ସୁନା ଜବତ ହୋଇଥିଲା। ଜବତ ସୁନାର ମୂଲ୍ୟ ୨.୫ କୋଟିରୁ ଊର୍ଦ୍ଧ୍ୱ ହେବ। ଏପ୍ରିଲ୍ ୧୭ରେ ମହାରାଷ୍ଟ୍ରର ଜଣେ କୁଖ୍ୟାତ ସୁନା ସ୍ମଗଲର ଠାରୁ ୧କେଜି ସୁନା ଜବତ ହୋଇଥିଲା। ଏହି କେଜିଏ ସୁନା ମଧ୍ୟ ମଳଦ୍ୱାରରୁ ମିଳିଥିଲା। ୨୦୨୩ ମସିହାରେ ୨.୧୮କୋଟି ମୂଲ୍ୟର ୩.୫୩ କେଜି ସୁନା, ୨୦୨୨ରେ ୨କେଜି ସୁନା ଓ ୨୦୧୯ରେ ୧୨.୯୩ କେଜି ସୁନା ଜବତ ହୋଇଥିଲା।

## ମଧ୍ୟାହ୍ନ ଭୋଜନରେ ସାମିଲ ହେବେ ନବମ-ଦଶମ ଶ୍ରେଣୀର ଛାତ୍ରଛାତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ନେଇ ରାଜ୍ୟ ସରକାର ମଙ୍ଗଳବାର ବଡ଼ ନିଷ୍ପତ୍ତି ନେଇଛନ୍ତି। ଏଣିକି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ କରିବେ। ଏପର୍ଯ୍ୟନ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ମଧ୍ୟାହ୍ନ ଭୋଜନ କରୁଥିଲେ। କିନ୍ତୁ ଆଗାମୀ ଦିନରେ ନବମ ଓ ଦଶମ ଶ୍ରେଣୀର ପିଲାଙ୍କୁ ମଧ୍ୟ ଏହି ଯୋଜନାରେ ସାମିଲ କରାଯିବ। କଟକରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବଡ଼ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ରାଜ୍ୟରେ ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା ଲାଗୁ ହେବ। ଦୁଇଟି ସନ୍ତାନ ଜନ୍ମ କ୍ଷେତ୍ରରେ ଏହି ଯୋଜନା ଲାଗୁ ହେବ। କନ୍ୟା ସନ୍ତାନକୁ ପ୍ରୋତ୍ସାହନ ପାଇଁ ଏହି ଯୋଜନା ଲାଗୁ କରାଯାଇଛି। ଝିଅ ଜନ୍ମ ହେଲେ ୧୨ ହଜାର ଟଙ୍କା ମିଳିବ। ପୁଅ ଜନ୍ମ ହେଲେ ୧୦ ହଜାର ଟଙ୍କା ମିଳିବ। ରାଜ୍ୟ ସରକାର ଗର୍ଭବତୀ ଓ ଅଙ୍ଗନବାଡ଼ି



କର୍ମୀମାନଙ୍କ ପାଇଁ ଭଲ ଖବର ଆଣିଛନ୍ତି। ମୋହନ ମାଝୀଙ୍କ ସରକାର ରାଜ୍ୟରେ ମମତା ଯୋଜନା ବଦଳରେ ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା ଲାଗୁ କରିବେ। ଏହି ଯୋଜନା ଦ୍ୱାରା କନ୍ୟା ସନ୍ତାନ ଜନ୍ମ କରୁଥିବା ମହିଳାଙ୍କୁ ୧୦ ହଜାର ବଦଳରେ ୧୨ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳିବ। ରାଜ୍ୟ ସରକାର ଅଙ୍ଗନବାଡ଼ି କର୍ମୀମାନଙ୍କ ପାଇଁ ମଧ୍ୟ ଭଲ ଖବର ଆଣିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଅଙ୍ଗନବାଡ଼ି କର୍ମୀମାନଙ୍କୁ ୨୦୦ ଟଙ୍କା ବଦଳରେ ୨୫୦ ଟଙ୍କା, ଏବଂ ଅଙ୍ଗନବାଡ଼ି ସହାୟକମାନଙ୍କୁ ୫୦ ଟଙ୍କା ପରିବର୍ତ୍ତେ ୧୫୦ ଟଙ୍କା ପ୍ରୋତ୍ସାହନ ରାଶି ମିଳିବ। ଉଭୟ ଯୋଜନାର ସମ୍ମିଳିତ କାର୍ଯ୍ୟକାରିତା ପାଇଁ ଆସନ୍ତା ଆର୍ଥିକ ବର୍ଷରେ ପ୍ରାୟ ୫୧୧ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ଏଥିପାଇଁ କେନ୍ଦ୍ର ସରକାର ୧୧୫.୯୭ କୋଟି ଟଙ୍କା ପ୍ରଦାନ କରିବାବେଳେ ରାଜ୍ୟ ସରକାର ୩୯୫.୭୫ କୋଟି ଟଙ୍କା ଯୋଗାଇ ଦେବେ। ଏହା ଦ୍ୱାରା ପ୍ରାୟ ୪ ଲକ୍ଷ ୫୦ ହଜାର ଗର୍ଭବତୀ ଓ ପ୍ରସୂତି ମହିଳା ଉପକୃତ ହେବେ।

# ନୂଆ ଟେକ୍ ପାର୍କ ସ୍ଥାପନ କରିବ ଓଡ଼ିଶା

## ଡମଣା ଛକରେ ୨୫ ଏକର ମାଗିଲା ଆଇଟି ବିଭାଗ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରଯୁକ୍ତି କ୍ଷେତ୍ରର ବହୁ ବଡ଼ ବଡ଼ କମ୍ପାନି ରାଜ୍ୟରେ ସେମାନଙ୍କ ୟୁନିଟ୍ ସ୍ଥାପନ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସେମାନଙ୍କୁ ଏକ ଉପଯୁକ୍ତ ସ୍ଥାନ ଯୋଗାଇବା ଲାଗି ଡମଣା ଛକ ନିକଟରେ ଏକ ଟେକ୍ ପାର୍କ ସ୍ଥାପନ କରିବା ଉପରେ ରାଜ୍ୟ ସରକାର ବିଚାର କରୁଛନ୍ତି। ସେଥିପାଇଁ ୨୫ ଏକର ଜମି ଦେବାକୁ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ପକ୍ଷରୁ ସାଧାରଣ ପ୍ରଶାସନ ବିଭାଗକୁ ଚିଠି ଲେଖାଯାଇଛି। ଆଇଟି ବିଭାଗ ଜଣାଇଛି ଯେ ଭୁବନେଶ୍ୱର ଆଇଟି, ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର ହବ୍ ଭାବେ ଉଭା ହେଉଥିବା ବେଳେ ଗୁଣାତ୍ମକ ସ୍ଥାନ ଯୋଗାଇ ଦିଆଗଲେ ତାହା ରାଜ୍ୟର ଆଇଟି ଅଭିବୃଦ୍ଧିକୁ ବଢ଼ାଇବ। ଏକ ଉତ୍ସର୍ଗୀକୃତ ବ୍ୟବସ୍ଥା ବିକାଶ କରାଗଲେ ତାହା ସ୍ଥାନାଭାବ ସମସ୍ୟାକୁ ଦୂର କରିପାରିବ। ଜମି ସମସ୍ୟାର ସମାଧାନ କରିବା ଲାଗି ପଟିଆ ପାଖରେ ଥିବା ୨୫ ଏକର ଜାଗା ଦେବାକୁ ଆଇଟି ବିଭାଗ ଅନୁରୋଧ କରିଛି। ସେହି ଜମି ପୂର୍ବରୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)କୁ ଆବଣ୍ଟନ କରାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ସେଠାରେ କୌଣସି କାମ ହୋଇନାହିଁ। ଇନ୍‌ଫୋଭାଲି ଅଞ୍ଚଳରେ ଥିବା ଖାଲି ଜାଗାକୁ ଅଣ ସୂଚନା ପ୍ରଯୁକ୍ତି କ୍ଷେତ୍ରର କମ୍ପାନିଗୁଡ଼ିକୁ ଆବଣ୍ଟନ କରାଯିବାକୁ ନେଇ ଆଇଟି ବିଭାଗ ଅସନ୍ତୋଷ ଜାହିର କରିଥିଲା। ଯେଉଁମାନେ ଜମି ନେଇ ଦୀର୍ଘଦିନ ଧରି କିଛି କାମ କରୁନାହାନ୍ତି, ସେମାନଙ୍କ ଆବଣ୍ଟନ ବାତିଲ କରିବା ଏବଂ ଖାଲି ଜାଗାକୁ କେବଳ ଆଇଟି ଓ ତତ୍ ସଂକ୍ରାନ୍ତୀୟ କମ୍ପାନିଗୁଡ଼ିକୁ ଆବଣ୍ଟନ କରିବାକୁ ବିଭାଗ ଦାବି କରିଥିଲା। ଇତି ମଧ୍ୟରେ ରାଜ୍ୟ ସରକାର ଦେଶ ବିଦେଶର ବହୁ ଆଇଟି, ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର,



ଇଲେକ୍ଟ୍ରୋନିକ୍ସ ସିଷ୍ଟମ୍ ଡିଜାଇନ୍ ଓ ମାନୁଫାକ୍‌ଚରିଂ (ଇଏସ୍‌ଡିଏମ୍) ନିବେଶ ହାସଲ କରିଛି। ସେମାନଙ୍କ ପାଇଁ ଗୁଣାତ୍ମକ ଆଇଟି ପାର୍କ ବିକାଶ ଏବେ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ସରକାର ଜାଗା ଦେଇପାରୁ ନଥିବାରୁ ଡେଲଏଟ୍, କଗ୍ନିଜାଣ୍ଟ ଓ କନସେର୍ଣ୍ଟ୍ରିକ୍ସ ଭଳି ସଂସ୍ଥା ଭଡ଼ାରେ ନିଜର ୟୁନିଟ୍ ସ୍ଥାପନ କରିଛନ୍ତି। ନିକଟରେ ଶେଷ ହୋଇଥିବା ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୨୫ରେ ରାଜ୍ୟ ସରକାର ଆଇଟି, ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର ଶିଳ୍ପ ପାଇଁ ୨୦,୯୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ କରିଛନ୍ତି। କିନ୍ତୁ ପୁଞ୍ଜିନିବେଶ ଘୋଷଣା କରିଥିବା କିନ୍ତୁ ବାସ୍ତବତା ହେଉଛି ସିକ୍‌ସେମ୍, ଆରଆଇଆର ପାୱାର ଓ ହେଟେରୋଜିନିଅସ୍ ଭଳି କମ୍ପାନି ଏବେବି ଜମି ଆବଣ୍ଟନ ଅପେକ୍ଷାରେ ରହିଛନ୍ତି। ଜୋରୋ, ଏମ୍‌ଭି ଫଟୋଭୋଲ୍‌ଟାଇକ୍ ପାୱାର, କାଏନିସ୍ ଭଳି କମ୍ପାନି ରାଜ୍ୟରେ ନିବେଶ କରିବାକୁ ଚାହୁଁଛନ୍ତି।

# ଶେଷନିଶ୍ୱାସ ଅପେକ୍ଷାରେ ବୃଦ୍ଧ ଜଗା: ବନ୍ଦ ହୋଇଯିବ କି ବବୁନ୍ ବଂଶବୃଦ୍ଧି !

**ଭୁବନେଶ୍ୱର, ଦୀପିକା ବ୍ୟୁରୋ**

୧୯୯୩ ମସିହା ପରଠୁ ବବୁନ୍ ଜଗା ଓ ତା'ର ପରିବାର ଥିଲା ନନ୍ଦନକାନନ ପ୍ରାଣୀ ଉଦ୍ୟାନର ପର୍ଯ୍ୟଟକଙ୍କ ଅନ୍ୟତମ ଆକର୍ଷଣ। ଏହି ବିରଳ ପ୍ରଜାତିର ମାଙ୍କଡ଼ଙ୍କୁ ନ ଦେଖିଲେ ନନ୍ଦନକାନନ ଭ୍ରମଣ ଅଧୁରା ବୋଲି ବିଚାର କରାଯାଉଥିଲା। କିନ୍ତୁ ଆଜି ସେଦିନ ନାହିଁ। ବୃଦ୍ଧାବସ୍ଥାରେ ପହଞ୍ଚିସାରିଥିବା ୩୬ ବର୍ଷୀୟ ଜଗା ଶେଷ ନିଶ୍ୱାସ ଅପେକ୍ଷାରେ। ବାର୍ଦ୍ଧକ୍ୟଜନିତ ଅସୁସ୍ଥତାରେ ପୀଡ଼ିତ ଜଗା ଏବେ ପ୍ରତି କ୍ଷଣ ମୃତ୍ୟୁ ସହ ଯୁଝୁଛି। ଖୁବ୍ ଶୀଘ୍ର ସେ ଆଖି ବୁଜିବ। ମାତ୍ର ପରିତାପର କଥା ଜଗା ମରିବା ପରେ ନନ୍ଦନକାନନ ବବୁନ୍ ବଂଶବୃଦ୍ଧିର ଭବିଷ୍ୟତ ବିପଦରେ ପଡ଼ିବା ଆଶଙ୍କା ରହିଛି। କାରଣ ଏବେ ନନ୍ଦନକାନନରେ ଜଗା ସହ ରହିଛି ଏକମାତ୍ର ମାଈ ବବୁନ୍। ଏମିତିରେ ବୟସର ତାରତମ୍ୟ ହେତୁ ଜଗା ଓ ମାଈ ବବୁନ୍‌ର ମିଳନ ସମ୍ଭବ ନଥିଲା। ତେଣୁ ବେଶ୍ କିଛି ଦିନ ହେଲା ନନ୍ଦନକାନନରେ ବବୁନ୍ ଖୁଆଡ଼ରେ ନୂଆ ଅତିଥି ଦେଖା ନଥିଲେ। ଏବେ



ଜଗା ଠିକ୍ ଭାବରେ ଖାଦ୍ୟ ପାନୀୟ ଗ୍ରହଣ କରିପାରୁ ନାହିଁ। ପ୍ରାଣୀ ଚିକିତ୍ସକ ଓ କର୍ମଚାରୀମାନଙ୍କ ତତ୍ତ୍ୱାବଧାନରେ ରହିଛି ଏବଂ ସେମାନେ ତା'ର ଯତ୍ନ ନେଉଛନ୍ତି। ତାକୁ ନିୟମିତ ଏନ୍‌ଜାଇମ୍, ଭିଟାମିନ୍ ଆଦି ଦିଆଯାଉଛି। ବଞ୍ଚିରହିଥିଲେ ହେଁ ତା'ର ସ୍ୱାସ୍ଥ୍ୟାବସ୍ଥା ସୁଧୁରିବା ଦେଖାଯାଉନାହିଁ। ପ୍ରାଣୀବିଜ୍ଞାନୀଙ୍କ ମତରେ ବବୁନ୍‌ମାନେ ସାଧାରଣତଃ ୩୫ରୁ ୪୦ ବର୍ଷ ବଞ୍ଚନ୍ତି। ଜଗାକୁ ଏବେ ୩୬ ବର୍ଷ। ତେଣୁ ସେ ବାର୍ଦ୍ଧକ୍ୟର ଶେଷ ସୀମାରେ ପହଞ୍ଚିସାରିଲାଣି। ଆଉ ବେଶି ଦିନ ବଞ୍ଚିବା ସମ୍ଭବ ନୁହେଁ। ସୂଚନାଯୋଗ୍ୟ ଯେ ୧୯୯୩ ମସିହାରେ ମାଡ୍ରାସ ଚିଡ଼ିଆଖାନାରୁ ୪ ବବୁନ୍‌ଙ୍କୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଅଣାଯାଇଥିଲା ଏବଂ ବଂଶବୃଦ୍ଧି ଯୋଜନା କରାଯାଇଥିଲା। ପରବର୍ତ୍ତୀ ସମୟରେ ଯୋଜନା ମଧ୍ୟ ସଫଳ ହେଲା। ୨୦୦୬ ମସିହାରେ ଜଗା ଗୋଟିଏ ଅଣ୍ଡିରା ବବୁନ୍‌କୁ ଆକ୍ରମଣ କରି ମାରିଦେଇଥିଲା। ସେହି ବର୍ଷ ତା' ସହ ମିଳନରୁ ଏକ ମାଈ ବବୁନ୍ ୨ଟି ଶାବକ ଜନ୍ମ ଦେଇଥିଲା। କିନ୍ତୁ ମା' ବବୁନ୍ ଜନ୍ମ ପରବର୍ତ୍ତୀ ଯତ୍ନ ନ ନେବାରୁ ନବଜାତ ଶାବକଦ୍ୱୟଙ୍କର ମୃତ୍ୟୁ ହୋଇଯାଇଥିଲା। ୨୦୦୭ ଓ ୨୦୦୮ ମସିହାରେ ଜଗା ଔରସରୁ ଆଉ ୨ଟି ଶାବକ ଜନ୍ମଲାଭ କରିଥିଲେ। ୨୦୧୦ରେ ଜଗା ଏକ ୨ ବର୍ଷର ମାଈ ବବୁନ୍‌କୁ ଆକ୍ରମଣ କରି ମାରି ଦେଇଥିଲା। ପରେପରେ ମା' ବବୁନ୍‌ଟି ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିଲା। ମାଈ ବବୁନ୍‌ର ମୃତ୍ୟୁ ପରେ ଜଗା ଅନ୍ୟମାନଙ୍କ ପ୍ରତି ଅଧିକ ଆକ୍ରମଣାତ୍ମକ ହୋଇଉଠିଥିଲା। ତେଣୁ ସେବେଠୁ ବଞ୍ଚିଥିବା ମାଈ ବବୁନ୍‌କୁ ଜଗାଠାରୁ ଦୂରେଇ ରଖାଯାଇଛି। ଜଗାକୁ ୩୬ ହୋଇଥିବା ବେଳେ ମାଈ ବବୁନ୍‌କୁ ୧୮ ବର୍ଷ ବୟସ। ବୟସରେ ଏତେ ପାର୍ଥକ୍ୟ ହେତୁ ଜଗା ସହ ତା'ର ମିଳନ ସମ୍ଭବ ହୋଇନାହିଁ। ତେଣୁ ୨୦୦୮ ମସିହା ପରଠୁ ନନ୍ଦନକାନନରେ ବବୁନ୍ ବଂଶରେ ନବଜାତ ନାହିଁ। ନୂଆ ଖୁଆଡ଼ ନିର୍ମାଣ କରିବା ଲକ୍ଷ୍ୟରେ ନନ୍ଦନକାନନ କର୍ତ୍ତୃପକ୍ଷ ସେମାନଙ୍କୁ ୪ ବର୍ଷ ହେଲା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଅଲଗା କରି ରଖିଆସିଛନ୍ତି। ତେଣୁ ପର୍ଯ୍ୟଟକମାନେ ସେମାନଙ୍କୁ ଦେଖିବା ଅବକାଶ ପାଇନାହାନ୍ତି।

# ଟ୍ରାଫିକ୍ ପୁଲିସର ଅମାନବିକତା: କୁନି ଝିଅକୁ କାର୍‌ରେ ବନ୍ଦୀ କରି ରଖିଲେ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ରାଜଧାନୀରେ ଟ୍ରାଫିକ୍ ବ୍ୟବସ୍ଥା ପୂରା ହୁଗୁଳିଯାଇଛି। ସହରବାସୀ ତ୍ରାହି ତ୍ରାହି ଡାକିଲେଣି। ଲୋକଙ୍କ ଦୃଷ୍ଟି ହଟାଇବାକୁ ସହରରେ ବ୍ଲକିଂ ଚେକିଂ କରାଯାଇଛି। ଏହାରି ଭିତରେ ଟ୍ରାଫିକ୍ ପୁଲିସର ଅମାନବୀୟ ଆଚରଣ ବି ଦେଖିବାକୁ ମିଳୁଛି। ଟ୍ରାଫିକ୍ ନିୟମ ଉଲ୍ଲଂଘନ ପାଇଁ ଡ୍ରାଇଭରଙ୍କ ଉପରେ ଦାଉ ସାଧିବାକୁ ଯାଇ ଜଣେ କୁନି ଝିଅଙ୍କୁ କାର୍ ଭିତରେ ବନ୍ଦୀ ରହିବାକୁ ଟ୍ରାଫିକ୍ ପୁଲିସ୍ ବାଧ୍ୟ କରିଛି। ଝିଅର ଅଭିଭାବକ ଏହି ଅଭାବନୀୟ ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ 'ଏକ୍ସ'ରେ ଜଣାଇଛନ୍ତି। ମଙ୍ଗଳବାର ଦିନ ପାଖାପାଖି ସାଢ଼େ ୧୦ଟା ବେଳେ ଏଜି ଛକରେ ଏକ କାର ୟୁ-ଟର୍ଣ୍ଣ ନେଇଥିଲା। ଏଜି ଛକରେ ଜଗି ରହିଥିବା ଟ୍ରାଫିକ୍ ପୁଲିସ ଗାଡ଼ିକୁ ଅଟକାଇ ଚାଳକଙ୍କ ଭୁଲ୍ ପାଇଁ ଜରିମାନା ଧାର୍ଯ୍ୟ କରିଦେଲେ। ମାତ୍ର ଚାଳକଙ୍କ ପାଖରେ ଟଙ୍କା ନଥିଲା। ତେଣୁ ସେ ଇ-ଚାଲାଣ କାଟିଦେବାକୁ ସେ



ଟ୍ରାଫିକ୍ ପୁଲିସ କର୍ମଚାରୀଙ୍କୁ କହିଥିଲେ। କିନ୍ତୁ ଜରିମାନା ବାବଦ ଅର୍ଥ ନଗଦ ଆକାରରେ ନଦେଲେ ଗାଡ଼ି ଛାଡ଼ିବେ ନାହିଁ ବୋଲି ପୁଲିସ କର୍ମଚାରୀ ରୋକ୍‌ଠୋକ ଶୁଣାଇଦେଲେ। ସ୍କୁଲ୍‌ରୁ ପିଲାଟି ଫେରୁଛି ଏବଂ ତାକୁ ଜୋରରେ ଭୋକ ହେଲାଣି ବୋଲି କହି ଚାଳକ ଛାଡ଼ିଦେବାକୁ ନେହୁରା ହୋଇଥିଲେ। କିନ୍ତୁ ନିର୍ଦ୍ଦୟ ଟ୍ରାଫିକ୍ ପୁଲିସ କାର୍‌କୁ ନେଇ ଟ୍ରାଫିକ୍ ଥାନା-୧ ପରିସରରେ ରଖିଦେଲେ। ପିଲାଟି ସେମିତି ଭୟଭୀତ ଅବସ୍ଥାରେ କାର୍ ଭିତରେ ବସି କାନ୍ଦୁଥାଏ। ପିଲାଟିକୁ କେହି ବି ପାଣି ଗିଲାସେ ବଢ଼ାଇ ଦେଇନଥିଲେ କି ତାକୁ ବୁଝାସୁଝା କରିବାକୁ ମହିଳା ପୁଲିସ୍ ବି ନଥିଲେ। ଯେମିତି ପୁଲିସ୍ ସର୍ବନିମ୍ନ ସମ୍ବେଦନଶୀଳତା ଭୁଲିଯାଇଥିଲା। ଖବର ପାଇ କୁନି ଝିଅର ମାଆ ଥାନାରେ ପହଞ୍ଚିବା ବେଳକୁ ଅଧ ଘଣ୍ଟାରୁ ଅଧିକ ସମୟ ବିତିସାରିଥିଲା। ଇ-ଚାଲାଣ କରିବାରେ କ'ଣ ଅସୁବିଧା ଥିଲା ବୋଲି ସେ ପୁଲିସ୍‌କୁ ପଚାରିଥିଲେ। କିନ୍ତୁ ନିଜର ଭୁଲ୍ ମାନିବାକୁ ଅପ୍ରସ୍ତୁତ ଥିବା ପୁଲିସ୍ ଅଧିକାରୀ ତାଙ୍କୁ ପାଲଟା ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ। କୁନି ଝିଅକୁ ମୁକୁଳାଇବା ଅଭିଭାବକଙ୍କ ମୁଖ୍ୟ କାମ ଥିଲା। ତେଣୁ ସେ ଥାନା ଅଧିକାରୀଙ୍କ ନାମରେ ପଞ୍ଜୀକୃତ ବାର କୋଡ୍‌ରେ ଜରିମାନା ପଇଠ କରି ଫେରିଥିଲେ। ଏଜି ଛକରେ 'ୟୁ ଟର୍ଣ୍ଣ ମନା' ବୋଲି କୌଣସି ସ୍ଥାନରେ ବୋର୍ଡ ମରାଯାଇ ନାହିଁ। କିନ୍ତୁ ୟୁ ଟର୍ଣ୍ଣ ନେଲେ ପୁଲିସ ହଠାତ ମାଡ଼ି ବସୁଛି। ଏ ନେଇ ନିୟମିତ ଅଭିଯୋଗ ହେଉଥିଲେ ବି ସେଠାରେ ବୋର୍ଡ ଲଗାଯାଉ ନାହିଁ। ପୁଣି ଇ-ଚାଲାଣ ବ୍ୟବସ୍ଥା ଲାଗୁ କରିବାକୁ ସରକାର ବାରମ୍ବାର କହୁଥିଲା ବେଳେ ଟ୍ରାଫିକ୍ ପୁଲିସ କାହିଁକି ପଛଘୁଞ୍ଚା ଦେଉଛି, ତାହା ବୁଝାପଡୁନି।

# ଚାକିରି ନାମରେ ୧୯ ଜଣଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକେଇ

ଡାବୁଗାଁ/ ପାପଡାହାଣ୍ଡି, ନ୍ୟୁଜ ବ୍ୟୁରୋ

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଂଚଳରେ ଚାଞ୍ଚଲ୍ୟ। ୧୯ ଜଣ ନିରୀହ ଆଦିବାସୀ ଯୁବକଙ୍କୁ ସିକ୍ୟୁରିଟି ଗାର୍ଡ ନିଯୁକ୍ତି ଦେବି କହି ଜଣେ ଦଲାଲ ଲକ୍ଷାଧିକ ଟଙ୍କା ଠକେଇ କରିଛି। ଏ ନେଇ ଆଜି ଠକାମୀର ଶିକାର ହୋଇଥିବା କିଛି ଯୁବକ ଡାବୁଗାଁ ଥାନାରେ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଥାନାରେ ଅଭିଯୋଗ ଅନୁଯାଇ ପାପଡାହାଣ୍ଡି ବ୍ଲକ ପାତ୍ରି ପଞ୍ଚାୟତ ଅନ୍ତର୍ଗତ ଖରକିଆ ଗୁଡା ଗ୍ରାମର ପ୍ରଦୀପ କୁମାର ନାୟକ (୨୮) ଡାବୁଗାଁ ଥାନା ଅଞ୍ଚଳ ଜଟାବାଲ, କୋଡ଼ିଙ୍ଗା ଥାନା ଅଞ୍ଚଳ ସହ ଅନ୍ୟ ଅଞ୍ଚଳର ୧୯ ଜଣ ଆଦିବାସୀ ଯୁବକଙ୍କୁ ୨୦୨୪ ଅକ୍ଟୋବର ମାସରେ ମେଡିକାଲରେ ସିକ୍ୟୁରିଟି ଗାର୍ଡ ନିଯୁକ୍ତି କରାଇ ଦେବି




କହିଥିଲେ। ଏଥି ପାଇଁ ସେ ଜଣକା ୩୦ ହଜାର ଟଙ୍କା ଦେବାକୁ କହିଥିଲେ। ପ୍ରଦୀପ ନାୟକ ଅଞ୍ଚଳର ଜଣେ ଜଣାଶୁଣା ଯୁବକ ହୋଇଥିବାରୁ ଚାକିରି ପାଇବା ଆଶାରେ ୧୯ ଜଣ ଯୁବକ ୩୦ ହଜାର ଟଙ୍କା ଲେଖାଏ ଦେଇଥିଲେ। ଗତ ଅକ୍ଟୋବର ମାସରେ ଯୁବକମାନଙ୍କୁ ବିଶ୍ୱାସ ଜନ୍ମାଇବା ପାଇଁ ପ୍ରଦୀପ ଭୁବନେଶ୍ୱରର ଏକ ଅଜଣା ସ୍ଥାନକୁ ନେଇ ଦସ୍ତଖତ କରାଇଥିଲେ। ମାତ୍ର ୧୫ ଦିନ ମଧ୍ୟରେ ସମସ୍ତେ ସିକ୍ୟୁରିଟି ଗାର୍ଡରେ ନିଯୁକ୍ତି ପାଇବ ବୋଲି କହିବା ପରେ ସମସ୍ତେ ଭୁବନେଶ୍ୱରରୁ ନବରଙ୍ଗପୁର ଫେରି ଆସିଥିଲେ। ତେବେ ଇତି ମଧ୍ୟରେ ୪ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ଯୁବକ ମାନଙ୍କୁ କୌଣସି ନିଯୁକ୍ତି ପତ୍ର ନ ମିଳିବାରୁ ବାରମ୍ବାର ପ୍ରଦୀପ ନାୟକ କୁ ଅଭିଯୋଗ କରିଥିଲେ।

# ଭୁବନେଶ୍ୱରରେ ଟ୍ରାଫିକ୍ ମୁକାବିଲା ପାଇଁ ଯୋଜନା: ଫ୍ଲାଏଓଭର ଉପରେ ଚାଲିବ ମେଟ୍ରୋ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଭୁବନେଶ୍ୱରରେ ସୃଷ୍ଟି ହେଉଥିବା ଟ୍ରାଫିକ୍ ସମସ୍ୟା ଦୂର କରିବାକୁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ସହର ଚାରିପାଖରେ ୩ଟି ରିଙ୍ଗରୋଡ୍ ସହ ଦୁଇଟି ଏଲିଭେଟେଡ୍ କରିଡର ନିର୍ମାଣ କରାଯିବ। ଏଥିସହ ଏଜି ଛକରେ ଏକ ଅଣ୍ଡରଗ୍ରାଉଣ୍ଡ ରାସ୍ତା ନିର୍ମାଣ ହେବ। ପାଖାପାଖି ୭ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଆସନ୍ତା ୩ରୁ ୪ ବର୍ଷ ମଧ୍ୟରେ ଶେଷ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ସହରରେ ବଢୁଥିବା ଜନସଂଖ୍ୟାକୁ ନଜରରେ ରଖି ଆସନ୍ତା ୫୦ ବର୍ଷ ପାଇଁ ରୂପରେଖ ପ୍ରସ୍ତୁତ କରିଛନ୍ତି। ଭୁବନେଶ୍ୱରରୁ କଟକ ସଂଯୋଗ କରୁଥିବା ଜୟଦେବ ବିହାରରୁ ନନ୍ଦନକାନନ ରାସ୍ତାକୁ ଏଲିଭେଟେଡ୍ କରିଡର କରାଯିବ। ତିନି ଥାକିଆ ହେବାକୁ ଥିବା ଏହି ରାସ୍ତାରେ ସବୁଠୁ ଉପରେ ମେଟ୍ରୋ ଟ୍ରାକ୍ ରହିବ। ତା' ତଳକୁ ଗାଡ଼ି ଚଳାଚଳ ପାଇଁ ଫ୍ଲାଏଓଭର ନିର୍ମାଣ ହେବ। ଆଉ ଫ୍ଲାଏଓଭର ତଳେ ରହିବ ରାସ୍ତା। ମେଟ୍ରୋ ପ୍ରକଳ୍ପ ଅଧୀନ ଜୟଦେବବିହାରଠାରୁ ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତାକୁ ନେଇ ଏମିତି ଯୋଜନା ହୋଇଛି। ନୂଆ ପରିକଳ୍ପନା ଅନୁସାରେ ରାସ୍ତାଠାରୁ ପ୍ରାୟ ୮ ମିଟର ତଥା ୨୬.୨୪ ଫୁଟ୍ ଉପରେ ରହିବ ଫ୍ଲାଏଓଭର। ତା' ଉପରେ ନିର୍ମାଣ ହେବ ମେଟ୍ରୋ ଟ୍ରାକ୍। ଅର୍ଥାତ୍ ମାଟିରୁ ୧୪ ମିଟର ତଥା ୪୬ ଫୁଟ୍ ଉପରେ ମେଟ୍ରୋ ଟ୍ରାକ୍ ରହିବ। ଫ୍ଲାଏଓଭର ୪ ନ ହେଲେ ୬ ଲେନ୍ ବିଶିଷ୍ଟ ହେବ। ଫଳରେ ତଳେ ଯେତିକି ଗାଡ଼ି ଚାଲିବ, ଉପରେ ମଧ୍ୟ ସେତିକି ଯିବ। ଯେଉଁଠି ବଡ଼ ବଡ଼ ଛକ ଅଛି ସେଠି ଏସ୍‌କେପ ୱେ ରହିବ। ଯେଉଁମାନେ ଉପରେ ଯାତାୟାତ କରୁଥିବେ ସେମାନେ ତଳକୁ ଓହ୍ଲାଇବାକୁ କୌଣସି ଅସୁବିଧା ହେବ ନାହିଁ। ୨୦୨୭-୨୮ ସୁଦ୍ଧା ଏହି ପ୍ରକଳ୍ପ ଶେଷ ହେବା ସହ ଭୁବନେଶ୍ୱରର ଲାଇଫ୍‌ଲାଇନ ପାଲଟିବ ବୋଲି ପୂର୍ତ୍ତ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆହୁରି କହିଛନ୍ତି ଯେ ବର୍ତ୍ତମାନ ଜୟଦେବବିହାର-ନନ୍ଦନକାନନ ତଳ ରାସ୍ତା ସମ୍ପ୍ରସାରଣ କଲେ ବହୁତ ଲୋକଙ୍କୁ ରାସ୍ତାପାର୍ଶ୍ୱରୁ ହଟାଇବାକୁ ହେବ। ରାସ୍ତାପାର୍ଶ୍ୱରେ ଥିବା ହଜାର ହଜାର ଗଛ ମଧ୍ୟ କାଟିବାକୁ ପଡ଼ିବ। ତେଣୁ ଏହି କରିଡ଼ରର ଯୋଜନା ହୋଇଛି।

# ଜାତୀୟ ରାଜପଥ ବିକାଶ ପାଇଁ କେରଳଠାରୁ ବି କମ୍ ପାଉଛି ଓଡ଼ିଶା

**ନୂଆଦିଲ୍ଲୀ,**

କମ୍ ଟଙ୍କା, ଧୀମା କାମ। ମିଳୁଥିବା କମ୍ ଟଙ୍କା ଶତ ପ୍ରତିଶତ ବି ଖର୍ଚ୍ଚ ହୋଇପାରୁନି। ବର୍ଷ ବର୍ଷ ଧରି ଚାଲୁଛି ଓଡ଼ିଶାରେ ଜାତୀୟ ରାଜପଥ ବିକାଶ। ଯେତେ ଅଭିଯୋଗ ହେଲେ ଶୁଣୁଛି କିଏ? ଦେଖୁଛି କିଏ? ପୂର୍ବ ଭାରତର ବିକାଶ ଇଞ୍ଜିନ ଓଡ଼ିଶା। ହେଲେ ଜାତୀୟ ରାଜପଥ ବିକାଶ ପାଇଁ କେରଳଠାରୁ କମ୍ ଟଙ୍କା ପାଉଛି ରାଜ୍ୟ। ୨୦୧୮-୧୯ରୁ ଜୁଲାଇ ୨୦୨୩ ପର୍ଯ୍ୟନ୍ତ ଓଡ଼ିଶାକୁ ମିଳିଛି ମାତ୍ର ୧୭ ହଜାର ୨୯୬ କୋଟି ଟଙ୍କା। ଯେଉଁଠି କେରଳ ଭଳି ଛୋଟ ଆୟତନ ବିଶିଷ୍ଟ ରାଜ୍ୟ ପାଇଛି ୩୩ ହଜାର ୪୪୧ କୋଟି। ୭୯ ହଜାର ୧୭୩ କୋଟି ଟଙ୍କା ପାଇ ସବୁ



ରାଜ୍ୟଠୁ ଉପରେ ରହିଛି ଉତ୍ତରପ୍ରଦେଶ। ଦୁଇଦିନ ତଳେ ଓଡ଼ିଶାରେ ୧୪ଟି ରାଜପଥ ପ୍ରକଳ୍ପ କାମ ଆରମ୍ଭ ହୋଇନି ଓ ୨୦ଟି ଅଧପନ୍ତରିଆ ପଡ଼ିଥିବା ନେଇ ରାଜ୍ୟସଭାରେ ଉତ୍ତର ରଖିଥିଲେ କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡ଼କରୀ। କେବେ ସରିବ କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ କାମ? ୨୦୨୨ରେ ସରିଥାନ୍ତା ଡୁବୁରି-ଚଣ୍ଡିଖୋଲ ସମ୍ପ୍ରସାରଣ କାମ। ହେଲାନି, ଆଉ କେତେବର୍ଷ ଲାଗିବ ତାହା ବି ଜଣାନାହିଁ। ୧୫ ବର୍ଷ ଧରି ଝୁଲୁଛି ଉପକୂଳ ଜାତୀୟ ରାଜପଥ। ଚୂଡ଼ାନ୍ତ ହୋଇପାରୁନି କ୍ୟାପିଟାଲ ରିଜିଅନ୍ ରିଙ୍ଗ ରୋଡ୍ ଟେଣ୍ଡର ପ୍ରକ୍ରିୟା। ରାଜପଥର ବିକାଶ ନ ହେଲେ କେମିତି ଓଡ଼ିଶାର ବିକାଶ ହେବ ବୋଲି ପ୍ରଶ୍ନ ଉଠାଇଛନ୍ତି ପୂର୍ବତନ ଅର୍ଥମନ୍ତ୍ରୀ। କାମ ସରୁନି, କି କାମ କାହିଁକି ତ୍ୱରାନ୍ୱିତ ହେଉନି ତାକୁ ବି କେହି ତଦବିର କରୁନାହାନ୍ତି। କିପରି ଚାଲିଛି ଓଡ଼ିଶାରେ ଜାତୀୟ ରାଜପଥ କାମ? ଗୋଟିଏ ପଟେ ବଜେଟ୍ କମ୍ ଦେଉଛନ୍ତି। ଅନ୍ୟପଟେ ଏ ବର୍ଷ ହେବ, ଏଲାଇନମେଣ୍ଟ୍ ଚାଲିଛି। କାମ ଆରମ୍ଭ ହେବ, ହେଉଛି ସରିବ। ଏମିତି କହି କହି ପ୍ରଶାସନମାନେ ଓଡ଼ିଶାର ଜାତୀୟ ରାଜପଥ ବିକାଶ ନାଁରେ ନୂଆ ନୂଆ ଭେଳିକି ଦେଖାଇ ଚାଲିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଯେଉଁ ପ୍ରକଳ୍ପର କାମ ଚାଲିଛି ତାକୁ ବି ନିୟମିତ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଯାଞ୍ଚ କରୁନାହାନ୍ତି। ଏଭଳିକି ଅତୀତରେ ନିମ୍ନମାନର କାମ ଯୋଗୁ ବହୁ ଦୁର୍ଘଟଣା ଘଟିଥିବା ନଜିର ସାମ୍ନାକୁ ଆସିଛି। ବଜେଟରେ ଯଦି ରାଜ୍ୟ ପାଇଁ କମ ଅର୍ଥ ବ୍ୟୟ ବରାଦ ହେବ ତା'ହେଲେ କାମ ତ୍ୱରାନ୍ୱିତ ହେବ କିପରି ବୋଲି ଉଠିଛି ପ୍ରଶ୍ନ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦ୍ରୁତ ଭାବେ ହ୍ରାସ

ଆର୍ଥିକ ବର୍ଷ ୨୦୨୩-୨୪ରେ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦ୍ରୁତ ଭାବେ ହ୍ରାସ ହୋଇଛି। ଏହା ପ୍ରଥମ ଥର ଲାଗି ୫%ରୁ ନିମ୍ନରେ ରହିଛି। ୨୦୨୨-୨୩ରେ ଏହା ୭.୩% ରହିଥିବା ବେଳେ ଗତ ଆର୍ଥିକ ବର୍ଷ ୪.୮%କୁ ଖସି ଆସିଥିବା ଏସ୍‌ବିଆଇ ରିସର୍ଚ୍ଚ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ କୁହାଯାଇଛି । ୨୦୧୨ରେ ଏହି ହାର ୨୫.୭% ସ୍ତରରେ ଥିଲା । ସହରାଞ୍ଚଳରେ ଦାରିଦ୍ର୍ୟ ହାର ୪.୬% ରୁ ୪.୦୯%କୁ ଖସିଛି । ଆର୍ଥିକ ବର୍ଷ ୨୦୧୨- ୧୩ରେ ଏହା ୧୩.୭% ଥିଲା । ୨୦୧୨ ତୁଳନାରେ ଦାରିଦ୍ର୍ୟ ହାରରେ ବଡ ପରିବର୍ତ୍ତନ ଆସିଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଗତ ୧୦ ବର୍ଷରେ ୨୩ କୋଟିରୁ ଊର୍ଦ୍ଧ୍ୱ ଲୋକ ଦାରିଦ୍ର୍ୟ କବଳରୁ ବାହାରକୁ ଆସିଛନ୍ତି । ଆଗାମୀ ବର୍ଷଗୁଡିକରେ ସହରାଞ୍ଚଳ ଦାରିଦ୍ର୍ୟ ହାର ଆହୁରି ହ୍ରାସ ହୋଇପାରେ । ୨୦୨୧ ଜନଗଣନା ସମ୍ପୂର୍ଣ୍ଣ ହେଲେ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଦାରିଦ୍ର୍ୟ ହାରରେ କିଛିଟା ସଂଶୋଧନ ହେବ । ଗ୍ରାମାଞ୍ଚଳରେ ଚାହିଦା ଉନ୍ନତ ହେବାରୁ ଏହା ଲୋକଙ୍କ ଆର୍ଥିକ ସ୍ଥିତିରେ ମଧ୍ୟ ଭଲ ପ୍ରଭାବ ପକାଇଛି। ସଦ୍ୟତମ ପାରିବାରିକ ଚାହିଦା ସର୍ଭେ (ଏଚ୍‌ସିଇଏସ) ମୁତାବକ, ଭିତ୍ତିଭୂମି ଦୃଢ଼ୀକରଣ ହେବା ଯୋଗୁ ଏହା ଗ୍ରାମାଞ୍ଚଳରେ ଯାନବାହନ ଗ୍ରହଣୀୟତା ବଢ଼ାଇଛି। ଏହା ରୋଜଗାର କ୍ଷେତ୍ରରେ ମଧ୍ୟ ସକରାତ୍ମକ ପରିବର୍ତ୍ତନ ସହ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ମଧ୍ୟରେ ଆୟ ଅସମାନତା ହ୍ରାସ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହାବାଦ କେନ୍ଦ୍ର ସରକାର ବିଭିନ୍ନ ଯୋଜନାର ଅର୍ଥ ବାଟମାରଣା ରୋକିବା ଲାଗି ସୁବିଧାର ପ୍ରତ୍ୟକ୍ଷ ହସ୍ତାନ୍ତର (ଡିବିଟି) ଜରିଆରେ ପ୍ରକୃତ ହିତାଧିକାରୀଙ୍କୁ ବ୍ୟାଙ୍କ ଖାତାରେ ଆର୍ଥିକ ସହାୟତା ଦେଉଛନ୍ତି । ଏହା ମଧ୍ୟ ଗ୍ରାମାଞ୍ଚଳର ସ୍ଥିତି ଉନ୍ନତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ସରକାର ଗ୍ରହଣ କରୁଥିବା ଡିବିଟି, ଗ୍ରାମୀଣ ଭିତ୍ତିଭୂମି ଦୃଢ଼ୀକରଣ, କୃଷି ଆୟ ବୃଦ୍ଧି ପଦକ୍ଷେପ ଭଳି ଅନ୍ୟ ପ୍ରମୁଖ କାର୍ଯ୍ୟକ୍ରମ ଗ୍ରାମାଞ୍ଚଳ ପରିବାର ଗୁଡିକର ଉନ୍ନତି ଦିଗରେ କାର୍ଯ୍ୟ କରୁଛି । ମୁଦ୍ରାସ୍ଫୀତି ଆଧାରରେ ୨୦୨୩-୨୪ ଲାଗି ଏସ୍‌ବିଆଇ ରିସର୍ଚ୍ଚ ଯଥାକ୍ରମେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଦାରିଦ୍ର୍ୟ ସୀମା ରେଖା ଯଥାକ୍ରମେ ୧୬୩୨ ଟଙ୍କା ଏବଂ ୧୯୪୪ ଟଙ୍କା ଧାର୍ଯ୍ୟ କରିଛି । ୨୦୧୧-୧୨ ଲାଗି ସୁରେଶ ତେନ୍ଦୁଲକର କମିଟି ଏହାକୁ ଯଥାକ୍ରମେ ୮୧୬ ଏବଂ ୧୦୦୦ ଟଙ୍କା ରଖିଥିଲେ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ ନାମ ମହାତ୍ମ୍ୟ**



ଶ୍ରୀ ଅଭିରାମ ସରସ୍ୱତୀ

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସର୍ବ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସର୍ବଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

ଆପଣାର କଲାକର୍ମ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କର୍ମକୁ ନିନ୍ଦିବ ( ୧୭୬)

ତେଣୁ କରି ଭକ୍ତଭାଇ
ଇଷ୍ଟକୁ ସୁମରି
ବିବେକରେ କର୍ମକର

କରାଇବା କରୁଥିବା
ଯେତେ କର୍ମମାନ
ହୃଦୟରେ ବିବେକକୁ
କରିବ ସ୍ମରଣ (୧୭୮)

ଭଲମନ୍ଦ ବିଚାରକୁ
ବିବେକଟି ସାକ୍ଷୀ
କ୍ଷୀର ନୀର ପରଖିବ
ସେହି ଧର୍ମ ପକ୍ଷୀ (୧୭୯)

ହୃଦୟରେ ବସିଅଛି
ସଦା ତୁନି ହୋଇ
ନିର୍ବିକାର ନିର୍ବିବାଦ
ଅବଧୂତ ସେହି (୧୮୦)

ଏକ ବ୍ରହ୍ମ ବେନିଖଣ୍ଡ
ଜଗତ କଲ୍ୟାଣେ
ହେତୁ ଘରେ ଚେତା ରଖ
ଅଭିରାମ ଭଣେ (୧୮୧)

ଗୁରୁଶିଷ୍ୟ ପିତାପୁତ୍ର
ପ୍ରକୃତି ପୁରୁଷ
ଭକ୍ତ ଭଗବାନ ସେତ
ପରମ ପୁରୁଷ (୧୮୨)

ଜଗତର ହିତ ପାଇଁ
ବ୍ରହ୍ମ ବେନି ଖଣ୍ଡ
ସୃଷ୍ଟି ସ୍ଥିତି ପାଳନରେ
ଖେଳୁଛି ବ୍ରହ୍ମାଣ୍ଡ (୧୮୩)

ଦୁଃଖ ସୁଖ ରୋଗ ଭୋଗ
ସଂସାର ଯାତନା
ଦେହେ ବ୍ରହ୍ମ ଗୁପ୍ତ ଥାଇ
ଭୋଗଇ ବାସନା (୧୮୪)

ଚିନ୍ତା ନାହିଁ ଯେଣୁ ତାର
ଅଚିନ୍ତ୍ୟ ପୁରୁଷ
ଶରୀରରେ ଗୁପ୍ତେ ଥାଇ
କରଇ ରାହାସ (୧୮୫)
(କ୍ରମଶଃ)

# ଆଦିକବି



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ଼, କୁଜଙ୍ଗ
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

ସାରଳା ଦାସ ଅଭିବକ୍ତ କଟକ ଜିଲ୍ଲାର ଜଙ୍ଘେରପୁର ସ୍ଥିତ କନକବତୀ ପାଟଣା ନିକଟସ୍ଥ ଚନ୍ଦ୍ରଭାଗା ନଦୀକୂଳରେ ଥିବା ସାରୋଳ ବା କାଳିନାଗ ଗ୍ରାମରେ ପଂଚଦଶ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଜଣେ ପ୍ରଧାନ କୃଷିକାରୀ ଓ ଗ୍ରାମୀଣ ବ୍ୟକ୍ତି ଥିଲେ । ବାଲ୍ୟକାଳରେ ସାରଳା ଦାସଙ୍କର ନାମ ଥିଲା ସିଦ୍ଧେଶ୍ୱର ପରିଡା (ସ୍ୱାଇଁ) ପିତା, ମାତା ଓ ଚାରିଭାଇଙ୍କ ସହିତ ନିଜର ବାଲ୍ୟ, ଶୈଶବ ଓ ଯୌବନ ଜୀବନ ଅତିବାହିତ କରିଥିଲେ । ତାଙ୍କର ବଡ଼ଭାଇ ପର୍ଶୁରାମ ପରିଡା ଜଙ୍ଘେରପୁର ନିକଟରେ ପ୍ରବାହିତ ହେଉଥିବା ଚନ୍ଦ୍ରଭାଗା ନଦୀର ଘାଟ ନେଇଥିଲେ । ପରଅବସ୍ଥାରେ ପର୍ଶୁରାମ ପରିଡା କନକପୁରକୁ ଉଠିଆସି ଘରଟିଏ କରି ରହିଲେ । କିନ୍ତୁ ସିଦ୍ଧେଶ୍ୱର ସାରଳା ମା'ଙ୍କ ଚରଣାବିନ୍ଦରେ ଗଭୀର ଭକ୍ତି ଢ଼ାଳିଦେଇ ସେବାରତ ଥିଲେ । ସେ ସମୟରେ ଚାଟଶାଳୀର ସୁବିଧାନଥିବାରୁ ନିଜ ଚେଷ୍ଟାରେ ଅଧ୍ୟୟନ କରିଥିଲେ । ଓଡିଆରେ ମିଳୁଥିବା କୋଇଲି ଚଉତିଶା ଅନ୍ୟ କେତେ ଖଣ୍ଡ କ୍ଷୁଦ୍ର କବିତା ପଢ଼ିଥିଲେ। ଏତିକିରେ ତାଙ୍କର ଶିକ୍ଷାଜୀବନର ପରିସମାପ୍ତି ଘଟିଥିଲା ।

ସିଦ୍ଧେଶ୍ୱର ଯୌବନରେ ପଦାର୍ପଣ କଲାପରେ, ଗୀତ ରଚନା କରି ନିଜେ ଗୀତ ବୋଲୁଥିଲେ । ପରଅବସ୍ଥାରେ ପୌରାଣିକ କାହାଣୀଗୁଡିକ ଶୁଣି, ପୁରାଣ ପଢ଼ିବାକୁ ଆଗ୍ରହ ପ୍ରକାଶ କରିଥିଲେ । ସଂସ୍କୃତ ଶିଖି ନଥିବା ଅପଣ୍ଡିତ ସିଦ୍ଧେଶ୍ୱର ସଂସ୍କୃତ ପଢ଼ିବା ଓ ଲେଖିବା ଏକ ଆଶ୍ଚର୍ଯ୍ୟ ଘଟଣା ଥିଲା । ବିଲରେ ଚାଷ ପାଇଁ ହଳ ବୁଲାଉଥିବା ସମୟରେ ସିଦ୍ଧେଶ୍ୱର ସୁନ୍ଦର ଗୀତ ନିଜ ମନରୁ ରଚନାକରି ବୋଲନ୍ତି । ଏହି ସମୟରେ ସେ ଆତ୍ମହରା ହୋଇପଡନ୍ତି । ସେ 'ମନାଇ ଚଉତିଶା' ନାମକ ଏକ ଗୀତ ରଚନା କରିଥିଲେ । ଦିନକର ଘଟଣା ସିଦ୍ଧେଶ୍ୱର ହଳ ବୁଲାଉଥାନ୍ତି ଓ ଗୀତ ବୋଲୁଥାନ୍ତି, କିନ୍ତୁ ପଦ ମନେପଡିଲା ନାହିଁ । ଯେତେ ଚେଷ୍ଟା କଲେ ମଧ୍ୟ ତାଙ୍କର ସେହି ଗୀତର ପଦ ମନେପଡିଲା ନାହିଁ । ଅତି ବିଚଳିତ ଅବସ୍ଥାରେ ତାଙ୍କର ଇଷ୍ଟଦେବୀ ସାରଳାଙ୍କୁ ମନେପକାଇଲେ । ମା ସାରଳା ଭକ୍ତ ଅନ୍ତରର ଭକ୍ତି ମାଧ୍ୟମରେ ଏକ ନାରୀ ମୂର୍ତ୍ତିଟି ହୋଇ ସିଦ୍ଧେଶ୍ୱରଙ୍କ ସମ୍ମୁଖରେ ଆବିର୍ଭୂତ ହୋଇ କହିଲେ "ତୁ ଗୀତ ବନ୍ଦକଲୁ କାହିଁକି ? ମୁଁ ତୋ ଗୀତ ଶୁଣୁଥିଲି, ତୁ ଗୀତ ବୋଲି ଚାଲେ ସବୁ ମନେପଡିଯିବ । ତୋ ଗୀତ ମୋତେ ବହୁତ ଭଲଲାଗେ, ତୁ ମହାଭାରତ ରଚନା କରିପାରିବୁ, ଏହା କହି ନାରୀ ମୂର୍ତ୍ତିଟି ଅନ୍ତର୍ଦ୍ଧାନ ହୋଇଗଲେ।

ସେ ସମୟରେ ଓଡିଶାର ଗଜପତି ଥିଲେ ସୂର୍ଯ୍ୟବଂଶର ପ୍ରଥମ ସମ୍ରାଟ କପିଳେନ୍ଦ୍ର ଦେବ । ତାଙ୍କର ସାମ୍ରାଜ୍ୟ ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ଲମ୍ବିଥିଲା । ସିଦ୍ଧେଶ୍ୱର ମା ସାରଳାଙ୍କ ପୂଜା ଅର୍ଚ୍ଚନାରେ ନିଜକୁ ନିୟୋଜିତ କରିଥିଲେ । ଅନୁମାନ କରାଯାଏ ସିଦ୍ଧେଶ୍ୱର କପିଳେନ୍ଦ୍ର ଦେବଙ୍କ ସୈନ୍ୟ ବିଭାଗରେ ଯୋଗଦେଇ ବିଭିନ୍ନ ଯୁଦ୍ଧର ଅନୁଭୂତିକୁ ପରଅବସ୍ଥାରେ ମହାଭାରତରେ ବର୍ଣ୍ଣନା କରିଥିଲେ । ସୈନ୍ୟଦଳରୁ ଆସି ପୁରୀର ଯମେଶ୍ୱର ଲିଙ୍ଗଙ୍କ ମନ୍ଦିରରେ କିଛିକାଳ ଅବସ୍ଥାନ କରିଥିଲେ । ସେ ସମୟରେ ସଂସ୍କୃତ ପଣ୍ଡିତମାନଙ୍କର ପ୍ରଭାବ ଯଥେଷ୍ଟ ଥିଲା । ପୁରୀରେ ସଂସ୍କୃତ କାବ୍ୟ ଓ ନାଟକ ଚର୍ଚ୍ଚାରେ ସିଦ୍ଧେଶ୍ୱରଙ୍କୁ କେହି ଅଂଶ ଗ୍ରହଣ କରାଇଦେଉନଥିଲେ । ଏହିପରି ଅସହାୟ ମୁହୂର୍ତ୍ତରେ ଇଷ୍ଟଦେବୀ ସାରଳା ସିଦ୍ଧେଶ୍ୱରଙ୍କୁ ଅଭୟ ପ୍ରଦାନକରି ଆଦେଶ ଦେଲେ "ତୁ ଯାଇ ନୀଳ କଳ୍ପବଟ ମୂଳେ ବସିବୁ,ଯାହା ଉପରୁ ଶୁଭିବ ତୁ ଲେଖିବୁ" । ସେତେବେଳକୁ ସିଦ୍ଧେଶ୍ୱର, ସାରଳା ଦାସ ନାମରେ ପରିଚିତ ହେଲେ । ମହାଭାରତ ରଚନାରେ ମନନିବେଶ କଲେ । କଳ୍ପବଟମୂଳରେ ମହାଭରତର ଆଠଗୋଟି ପର୍ବଶେଷ କରି ସାରିଥିଲେ । ପୁରୀ ଛାଡି ସେ କୋଣାର୍କରେ ଏକ ବଟବୃକ୍ଷ ମୂଳରେ ଯୋଗସାଧନ କଲେ ଓ ମହାଭାରତ ରଚନା କଲେ । ତାଙ୍କର ଲିଖିତ ମହାଭାରତରେ ଅନ୍ୟ ପଣ୍ଡିତ ମାନେ "ହାତୀ ବାର ଯୁଣ ତାର ଘଂଟି ବାର ଯୁଣ" ବର୍ଣ୍ଣନାକୁ ତ୍ରୁଟି ରୂପେ ଦର୍ଶାଇଥିଲେ । ହସ୍ତୀ ହେଲା ଦେବତା ଯୁଣରେ ଓ ଘଂଟି ହେଲ ମାନବ ଯୁଣରେ । ଏହାପରେ ପଣ୍ଡିତମାନେ ନିଜଭୁଲ୍ ବୁଝିପାରି କବିଙ୍କ ରଚିତ ମହାଭାରତକୁ ଗ୍ରନ୍ଥରୂପେ ସ୍ଥାନଦେଲେ ଓ ଶୂଦ୍ର ମୁନି ବୋଲି ସମ୍ମାନିତ କଲେ । ଏହି ସମ୍ବାଦ କପିଳେନ୍ଦ୍ର ଦେବଙ୍କ ନିକଟରେ ପହଂଚିଲା । ଗଜପତି ରାଜା ସିଦ୍ଧେଶ୍ୱରଙ୍କୁ ସ୍ୱାଇଁ ପରିବର୍ତ୍ତେ ପରିଡା ଉପାଧିରେ ଭୂଷିତ କରାଇ ଝଙ୍କଡ ଆଦି କେତେ ଗ୍ରାମ ନିଷ୍କର ବୃତିରୂପେ ପ୍ରଦାନ କରିଥିଲେ ।

ପୁରୀରେ କିଛି ଦିନ ଅତିବାହିତ ହେବାପରେ କବି ସାରଳା ଦାସ ନିଜର ଜନ୍ମଭୂମିକୁ ଫେରିଆସିବା ବାଟରେ କଟକ ତୁଳସୀପୁରରେ କିଛି ଦିନ ରହିଲେ । ଦୈନିକ ମା କଟକ ଚଣ୍ଡୀଙ୍କୁ ଦର୍ଶନ କରନ୍ତି ଓ ନିଜ ରଚିତ ମହାଭାରତ ଦେବୀଙ୍କ ନିକଟରେ ପଢ଼ନ୍ତି । ଏହି ଗ୍ରନ୍ଥ ପାଠ ଶୁଣିବାପାଇଁ ବହୁ ଶ୍ରୋତା ମା ଚଣ୍ଡୀଙ୍କ ଠାରେ ରୁଣ୍ଡ ହୁଅନ୍ତି । ତାଙ୍କର ସାରସ୍ୱତ ସାଧନା ହିଁ ପ୍ରତ୍ୟେକ ଓଡିଆ ଜାତି ପାଇଁ ଅମଳିନ ପ୍ରେରଣା ହୋଇ ରହିଗଲା । ସେ ଆମ ଜାତିର ଗୌରବ, ସ୍ରଷ୍ଟା ଆଉ ଦ୍ରଷ୍ଟା । ସେ କେବଳ ଜଣେ ସିଦ୍ଧ ସାଧକ ନୁହଁନ୍ତି, ଭକ୍ତ ନୁହଁନ୍ତି, କବି ରୂପେ ତାଙ୍କୁ ଚିରଦିନ ଜାତି ପୂଜା କରିବ । ଆଜୀବନ ସେ ଯେଉଁ ଅଖଣ୍ଡସାଧନ କରିଛନ୍ତି ତାହା ହିଁ ତାଙ୍କୁ ଅମର କରିବ । ତାଙ୍କ ଜୀବନର ଏକ ବିସ୍ମୟକର ଓ ରହସ୍ୟମୟ କାହାଣୀ କୁହେ -

ଦିନେ ସାରଳାଦାସ ବିଲରେ ହଳ କରୁଥିବା ସମୟରେ, ଏକ ରାଜକନ୍ୟାର ବିବାହ ଉପଲକ୍ଷେ ରାଜକର୍ମଚାରୀମାନେ ସାରଳାଦାସଙ୍କ ନିକଟରେ ପହଁଚିଲେ । ତାଙ୍କର ଗୁଣ ଓ ବୁଦ୍ଧି ରାଜକର୍ମଚାରୀମାନଙ୍କୁ ମୁଗ୍ଧ କରିଥିଲା । ସାରଳାଦାସଙ୍କୁ ସେମାନେ ରାଜଦରବାରକୁ ଘେନିଗଲେ, ବିବାହର ଆୟୋଜନ କଲେ । କାଠ ଓ ବାଉଁଶଙ୍କୁ ଦେଖି ଚାଷୀ ସିଦ୍ଧେଶ୍ୱର ମନେମନେ ବହୁତ ଖୁସୀ ହେଉଥାନ୍ତି । ରାଜକନ୍ୟା ସିଦ୍ଧେଶ୍ୱରଙ୍କୁ ବନ୍ଦାପନା କରିବା ସମୟରେ, ସିଦ୍ଧେଶ୍ୱର ଭୟରେ ଖଟ ତଳେ ଲୁଚିଗଲେ । ସିଦ୍ଧେଶ୍ୱରଙ୍କର ଏହି ପରି କାର୍ଯ୍ୟରେ ରାଜକନ୍ୟା କ୍ରୋଧନ୍ୱିତା ହୋଇ ମୂର୍ଖ, ଅଧମ ବୋଲି କହି ଅନ୍ତଃପୁରକୁ ପଳାଇଲେ । ସିଦ୍ଧେଶ୍ୱର ରାଜକୁମାରୀଙ୍କ କଟୁମନ୍ତବ୍ୟରେ ଦୁଃଖିତ ହୋଇ ମା' ସାରଳାଙ୍କ ନିକଟକୁ ଯାଇ ନିଜର ଦୁଃଖ ଜଣାଇଲେ । 'ମା' ପ୍ରସନ୍ନ ହୋଇ କହିଲେ ସିଦ୍ଧେଶ୍ୱର ତୁ ଚିନ୍ତା କରନାହିଁ, ତୁ ଗଲାବେଳେ ବାଟରେ ଯେଉଁ ଲେଖନୀଟି ପାଇବୁ । ସେହି ଲେଖନୀରେ କଳ୍ପବଟ ମୂଳ ବସି ଚିନ୍ତାକଲେ ତୋତେ ସବୁ ଦୃଶ୍ୟମାନହେବ । ଏହି ଘଟଣାଟି ସିଦ୍ଧେଶ୍ୱରଙ୍କ ଜୀବନରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିଲା ।

'ମା'ଙ୍କ ଦତ୍ତ ଲେଖନୀ ସାହାଯ୍ୟରେ ସାରଳାଦାସ ମହାଭାରତ, ଚଣ୍ଡୀ ପୁରାଣ, ବିଲଙ୍କା ରାମାୟଣ, ଲକ୍ଷ୍ମୀ ନାରାୟଣ ବଚନିକା ଓ ବହୁତ ସୁନ୍ଦର ସୁନ୍ଦର ଗଳ୍ପ ସୃଷ୍ଟି କରିଥିଲେ । ଗଳ୍ପଗୁଡିକ ହେଲା ବାବନା ଭୂତ, ଗଙ୍ଗା-ଶାନ୍ତନୁ ବିବାହ, ଭୀମ ରାଜାର କଥା, ନବଗୁଞ୍ଜର କଥା, ଭାରତ ଯୁଦ୍ଧର ଭରତିଆ ପକ୍ଷୀକଥା, କୁନ୍ତୀ ଗାନ୍ଧାରୀର ଶିବପୂଜା କଥା, ଅର୍ଜ୍ଜୁନର ବରପ୍ରାପ୍ତି କଥା ଓ ପାର୍ବତୀଙ୍କ କୋପ କଥା ପ୍ରଭୃତି ଗଳ୍ପଗୁଡିକ ଜନଜୀବନକୁ ବେଶ୍ ପ୍ରଭାବିତ କରିଛି ।

ଏହି ନିରହଙ୍କାର ସିଦ୍ଧ କବିଙ୍କ ଶେଷ ଜୀବନ ଇଷ୍ଟଦେବୀ ସାରଳା ଦେବୀଙ୍କ ନିକଟରେ କଟାଇଥିଲେ । ସେ ନିଜର ସ୍ତ୍ରୀ, ପୁତ୍ର ଓ କନ୍ୟାଙ୍କ ଠାରୁ ସମସ୍ତ ସଂସାରିକ ବନ୍ଧନ ତ୍ୟାଗକରି 'ମା'ଙ୍କ ପାଦପଦ୍ମରେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ସାରଳାଦାସ ଜ୍ୟୋତିଷ ଶାସ୍ତ୍ରରେ ନିପୁଣ ଥିଲେ । ଶାସ୍ତ୍ର ବିଚାରକରି ଜାଣି ପାରିଥିଲେ ଯେ ମାଘସପ୍ତମୀ ଦିନ ଦେହ ଛାଡିବାକୁ ହେବ । ତେଣୁ ଅକ୍ଷତ, ଗୋଟାଗୁଆ, ନଡିଆ, ପାନ, ତିଳ, ଗଙ୍ଗାଜଳ, ଗଙ୍ଗାମାଟି ସହ ଘିଅ ଦୀପ ସାରଳାଦାସ ନିଜ ସମ୍ମୁଖରେ ରଖି ତେନ୍ତୁଳିପଦା ବନ୍ଧମୁଣ୍ଡାର ବୃଦ୍ଧାନଦୀ କୂଳରେ ମାଘ ଶୁକ୍ଳ ପ୍ରତିପଦଠାରୁ ସମାଧିସ୍ତ ହେଲେ । ମାଘ ସପ୍ତମୀ ସକାଳକୁ ଗୋଟିଏ ଘଡଘଡି ଶବ୍ଦ ହେଲା ଓ ଦୀପଟି ମଧ୍ୟ ଲିଭିଗଲା । ଏହା ହିଁ ଥିଲା ଆଦିକବି ଶୂଦ୍ରମୁନି ସାରଳା ଦାସଙ୍କର ଅନ୍ତିମ ଯାତ୍ରା । ଆଜି ତାଙ୍କ ନାମାନୁସାରେ ମୁନି ଗୋସାଇଁ ମଠ କୁହାଯାଉଛି । ଏହି ସମାଧିର ଭଗ୍ନାବଶେଷ ନିକଟରେ ଏକ ବରଗଛ ଅଛି । ତାଙ୍କର ଲୌକିକତା, ଜନଜୀବନର ସଂସ୍କାର ଓ ପ୍ରତିଭାର ମୋହିନୀ ଶକ୍ତି ବଳରେ ଯୁଗଯୁଗ ପାଇଁ ଅମର ସୃଷ୍ଟି ମହାଭାରତରେ ଜୀବନ୍ତ କରି ଦେଇଗଲେ । ତେଣୁ ଆଜି ଓଡିଶାର ଜନତା ସେହି ଶୂଦ୍ରକବିଙ୍କୁ ଆଦିକବି ରୂପେ ପୂଜାଅର୍ଘ୍ୟ ଦେଇଥାନ୍ତି ।

# ଦାରିଦ୍ର୍ୟ ଓ ଅସମାନତା



ହିମାଂଶୁ ଶେଖର ଆଚାର୍ଯ୍ୟ
ଅବସରପ୍ରାପ୍ତ ଅଧ୍ୟାପକ,
ତିର୍ତ୍ତୋଲ, ଜଗତସିଂହପୁର
ମୋ-୯୯୩୭୧୫୧୦୫୨

ସାଧାରଣରେ ଗୋଟିଏ କଥା ସବୁବେଳେ ଆଲୋଚିତ ହୋଇଥାଏ ତାହାହେଲା ଦେଶ ଦରିଦ୍ର ହୁଏ କାହିଁକି ? ଏ ସମ୍ପର୍କରେ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ଆଲୋଚନା ହୋଇଥାଏ। ବିଭିନ୍ନ କାରଣ ମଧ୍ୟ ଖୋଜା ଯାଇଥାଏ। କିନ୍ତୁ ସଠିକ୍ ଉତ୍ତର ମିଳିପାରେ ନାହିଁ। ସାଧାରଣ ଅର୍ଥରେ କହିଲେ ଦାରିଦ୍ର୍ୟ ଏକ ସାମାଜିକ ଅବସ୍ଥାକୁ ବୁଝାଇଥାଏ, ଯେଉଁଠି ଲୋକମାନେ ସର୍ବନିମ୍ନ ମୌଳିକ ଆବଶ୍ୟକତାରୁ ବଞ୍ଚିତ ହୋଇଥାନ୍ତି। ଏହାର କାରଣ ସମ୍ପର୍କରେ ବୁଝାଇବାକୁ ଯାଇ ଅର୍ଥଶାସ୍ତ୍ରୀ ରାଗ୍‌ନର ନରକ୍ସେ କହିଛନ୍ତି- 'ଗୋଟିଏ ଦେଶ ଦରିଦ୍ର କାରଣ ତାହା ଦରିଦ୍ର'। ଅନ୍ୟଅର୍ଥରେ କହିଲେ ଗୋଟିଏ ଦେଶର ଦାରିଦ୍ର୍ୟର କାରଣ ହେଉଛି ସେ ଦେଶର ଦାରିଦ୍ର୍ୟ। ଏହି ଦାରିଦ୍ର୍ୟ ଅସମାନତା ସୃଷ୍ଟି କରେ ଯାହାର ପ୍ରଭାବ ଅର୍ଥବ୍ୟବସ୍ଥା ଉପରେ ପ୍ରତିକୂଳ ପ୍ରଭାବ ପକାଏ । ସେଥିପାଇଁ କେତେକ ଲୋକ ପ୍ରାଚୁର୍ଯ୍ୟ ଭିତରେ ଥିବା ବେଳେ ଆଉ କେତେକ ଦାରିଦ୍ର୍ୟ ଅବସ୍ଥାରେ ରହିଥାନ୍ତି । ଦାରିଦ୍ର୍ୟର କାରଣ ବହୁବିଧ। ଉଭୟ ଚାହିଦା ଓ ଯୋଗାଣ ପାର୍ଶ୍ୱରେ ସ୍ୱଳ୍ପ ମୁଣ୍ଡ ପିଛା ଆୟ, ସ୍ୱଳ୍ପ ଚାହିଦା, ସ୍ୱଳ୍ପ ସଂଚୟ, ସ୍ୱଳ୍ପ ନିବେଶ ଦାରିଦ୍ର୍ୟର କରାଳଚକ୍ର ସୃଷ୍ଟି କରୁଛି । ଏଥିପାଇଁ ସ୍ୱଳ୍ପ ଉତ୍ପାଦନ ସହିତ ମୁଣ୍ଡ ପିଛା ଆୟ ହ୍ରାସ ପାଉଛି। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ଆମ ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଲୋକଙ୍କ ସଂଖ୍ୟା ୧୯୯୩-୯୪ ମୋଟ ଜନ ସଂଖ୍ୟାର ୪୫.୩ ପ୍ରତିଶତ ଥିଲା, ଯାହା କି ୨୦୦୪-୦୫ ବେଳକୁ ୩୭.୨ ପ୍ରତିଶତକୁ ହ୍ରାସ ପାଇଥିଲା। ଗ୍ରାମାଞ୍ଚଳରେ ଦାରିଦ୍ର୍ୟର ଅନୁପାତ ସେହି ସମୟ ମଧ୍ୟରେ ୫୦.୧ପ୍ରତିଶରୁ ୪୧.୮ ପ୍ରତିଶତକୁ ହ୍ରାସ ପାଇଥିଲା। ସହରାଞ୍ଚଳରେ ଏହି ଅନୁପାତ ୧୯୯୩-୯୪ ରୁ ୩୧.୮ ପ୍ରତିଶତକୁ ୨୦୦୪-୦୫ରେ ୨୫.୭ ପ୍ରତିଶତକୁ ହ୍ରାସ ପାଇଥିଲା। ୨୦୧୧-୧୨ ବେଳକୁ ଦେଶର ମୋଟ ଦାରିଦ୍ର୍ୟ ହାର ୨୧.୯ ପ୍ରତିଶତକୁ ହ୍ରାସ ପାଇଥିଲା। ସଂଖ୍ୟାନୁସାରେ ଏହି ସମୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ୪୧ କୋଟିରୁ ୨୭ କୋଟିକୁ ହ୍ରାସ ପାଇଥିଲା। ତେବେ ଏହି ତଥ୍ୟ ସୁରେଶ ତେନ୍ଦୁଲକର କମିଟି ଆଧାରରେ ଦିଆଯାଇଛି। କିନ୍ତୁ ଶ୍ରୀ ରଙ୍ଗ ରାଜନଙ୍କ କମିଟି ରିପୋର୍ଟରେ ଦେଶର ଦାରିଦ୍ର୍ୟ ହାର ୨୯.୬ ପ୍ରତିଶତ ବୋଲି କଳନା କରାଯାଇଛି। ନିକଟରେ ନିତି ଆୟୋଗ ଦ୍ୱାରା ପ୍ରସ୍ତୁତ ରିପୋର୍ଟରେ ଦାରିଦ୍ର୍ୟ କ୍ଷେତ୍ରରେ ଜାତୀୟ ହାର ୨୫.୦୧ ପ୍ରତିଶତ ରହିଛି ।

ଏକ ଅନୁକୂଳ ପରିବେଶ ଜୀବନ ଧାରଣ ପାଇଁ ଅପରିହାର୍ଯ୍ୟ ଜନସଂଖ୍ୟାର ବିସ୍ଫୋରଣ ପରିବେଶପାଇଁ ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟିକରିଛି । ଦାରିଦ୍ର୍ୟ ନୟନ୍ତ୍ରଣ ପାଇଁ କେତକ ଫଳପ୍ରଦ ପଦକ୍ଷପ ନେବା ଜରୁରୀ ମନେ ହୁଏ। ନିବେଶ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ। ଏହା ଲୋକମାନଙ୍କ ଆୟ ବୃଦ୍ଧି କରି ଦାରିଦ୍ର୍ୟ ହ୍ରାସ କରିବା ପାଇଁ ସହାୟକ ହୋଇଥାଏ। ଭାରତରେ ଘରୋଇ ସଞ୍ଚୟ ବୃଦ୍ଧି ଘରୋଇ ଆୟ ଉପରେ ନିର୍ଭୟ କରୁଥିବାରୁ ଏହା ଆମ ଦେଶ ପାଇଁ ଅସମ୍ଭବ ମନେହୁଏ ତେଣୁ ଆମେ ପ୍ରଥମେ ବିଦେଶୀ ନିବେଶ ଉପରେ ନିର୍ଭର କରି ପରେ ଘରୋଇ ନିବେଶ ଓ ସଞ୍ଚୟ ବୃଦ୍ଧି ପାଇଁ ଯତ୍ନବାନ ହେବା ଆବଶ୍ୟକ। ପରିସଂଖ୍ୟାନରୁ ଜଣାଯାଏ, ସାରା ବିଶ୍ୱରେ ଏବେବି ୧.୩ ବିଲିୟନ ବା ୨୨ ପ୍ରତିଶତ ଲୋକ ଚରମ ଦାରିଦ୍ର୍ୟରେ ରହିଛନ୍ତି। ଚରମ ଦାରିଦ୍ର୍ୟ ରହିଥିବା ଦେଶ ମଧ୍ୟରେ ନାଇଜେରିଆରେ ୮୬.୯ ପ୍ରତିଶତ, କଙ୍ଗୋରେ ୬୦.୯ ପ୍ରତିଶତ ଲୋକ ଉତ୍କଟ ଦାରିଦ୍ର୍ୟରେ ରହିଥିବାର ଜଣାଯାଏ। ସେହିପରି କମ୍ ଦାରିଦ୍ର୍ୟ ଥିବା ଦେଶ ମାନଙ୍କ ମଧ୍ୟରେ କତାର, ମକାଓ, ସିଙ୍ଗାପୁର ଓ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଦେଶମାନେ ରହିଛନ୍ତି। ସେହିପରି ମୋଟ ଜାତୀୟ ଉତ୍ପାଦକୁ ହିସାବକୁ ନେଲେ ଆମ ଦେଶ ଭାରତର ସ୍ଥାନ ୧୨୪ ରେ ରହିଛି। ସମ୍ପ୍ରତି ମହାମାରୀ କରୋନା ଯୋଗୁଁ ସାରା ବିଶ୍ୱର ଅର୍ଥନୀତି ଧ୍ୱସ୍ତ ବିଧ୍ୱସ୍ତ। ଶିଳ୍ପ ଜଗତ କୋମାରେ। କୃଷି କ୍ଷେତ୍ରରେ ଅଗ୍ରଗତି ସନ୍ତୋଷ ଜନକ ନୁହେଁ। ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ରରେ ମଧ୍ୟ ସ୍ଥାଣୁତା। ଫଳରେ ବିଶ୍ୱ ସମେତ ଆମ ଦେଶରେ ନିଯୁକ୍ତି କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଇଛି। ଏଥିପାଇଁ ଦାରିଦ୍ର୍ୟ ହାର ମଧ୍ୟ ବଢ଼ିଛି।

ଗରିବ ହଟାଅ ଆମ ଜାତୀୟ ସ୍ଲୋଗାନ ହୋଇଥିଲେ ମଧ୍ୟ ଦାରିଦ୍ର୍ୟ ଭାରତ ପାଇଁ ଏକ ଆହ୍ୱାନ ହୋଇରହିଛି। ଏହା ନିଶ୍ଚିତ ପରିତାପର ବିଷୟ। ଏପରିକି ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ପରେବି ଏ କ୍ଷେତ୍ରରେ ଆମର ଅଗ୍ରଗତି ସନ୍ତୋଷ ଜନକ ହୋଇପାରିନାହିଁ। ଜନସଂଖ୍ୟା ବୃଦ୍ଧି ଏହାର ଏକ ପ୍ରମୁଖ କାରଣ। କୁହାଯାଏ, ବିକାଶ ପ୍ରକ୍ରିୟାରେ ମାନବ ସମ୍ବଳ ଏକ ଅବିଚ୍ଛେଦ୍ୟ ଅଙ୍ଗ। କିନ୍ତୁ ଭାରତରେ ଜନସଖ୍ୟା ବୃଦ୍ଧ ଆମ ପ୍ରଗତି ପଥରେ ପ୍ରଧାନ ପ୍ରତିବନ୍ଧକ ଭାବେ ଉଭାହୋଇଛି। ଫଳରେ ଭାରତରେ ଯେତେ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି ହେଉଛି ତାର ମୂଳରେ ରହିଛି ଏହି ଜନସଂଖ୍ୟା ବିସ୍ଫୋରଣ। ଇତିମଧ୍ୟରେ ଭାରତର ଜାତୀୟ ଆୟ ୭ ଗୁଣ ଆୟ ବୃଦ୍ଧି ପାଇଥିବା ବେଳେ ମୁଣ୍ଡପିଛା ଆୟ ମାତ୍ର ୩ଗୁଣ ବୃଦ୍ଧି ପାଇଛି । ଅର୍ଥଶାସ୍ତ୍ରୀ ମାଲଥସ୍‌ଙ୍କ ମତରେ ଏକ ଜନବହୁଳ ରାଷ୍ଟ୍ରରେ ଖାଦ୍ୟ ଯୋଗାଣ ଅପେକ୍ଷା ଜନସଂଖ୍ୟାର ବୃଦ୍ଧି ଅଧିକା ହୋଇଥାଏ। ଏହା ଉତ୍କଟ ଖାଦ୍ୟ ସମସ୍ୟା ସୃଷ୍ଟି କରିଥାଏ। ଏଥି ସହିତ ଶ୍ରମଶକ୍ତିର ଯୋଗାଣ ଚାହିଦାଠାରୁ ଅଧିକା ହେଲେ ବେକାରୀ ସୃଷ୍ଟି ହୁଏ । ବେକାରୀ ସମସ୍ୟା ଭାରତୀୟ ଅର୍ଥନୀତିର ଚିର ସହଚର ହୋଇରହିଛି । ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଉପଭୋଗ ଖର୍ଚ୍ଚ ବଢାଇଥାଏ । ଫଳରେ ସଞ୍ଚୟ କମିଯାଏ ଓ ପୁଞ୍ଜିଗଠନ ହ୍ରାସପାଏ ।

ପ୍ରାୟ ୬୦ପ୍ରତିଶତ ଭାରତର କୃଷି ଉପରେ ନିର୍ଭରଶୀଳ । ନିମ୍ନ କୃଷି ଉତ୍ପାଦନଶୀଳତା ଗ୍ରାମାଞ୍ଚଳ ଦାରିଦ୍ରାତାର ମୁଖ୍ୟ କାରଣ । ତେଣୁ କୃଷିର ଦ୍ରୁତ ବିକାଶ ପାଇଁ ବିଭିନ୍ନ ପଦକ୍ଷପ ନେବା ଆବଶ୍ୟକ ଫଳରେ ଏହା ଗ୍ରାମାଞ୍ଚଳ ଆୟ ବୃଦ୍ଧି କରି ଦାରିଦ୍ର୍ୟ ଦୂର କରିବାର ସହାୟକ ହୋଇପାରିବ । ଏଥି ସହିତ କୃଷି ଓ ଶିଳ୍ପ ପରସ୍ପର ନିର୍ଭରଶୀଳ । ଯେ କୌଣସି ଗୋଟିକର ବିକାଶ, ଅନ୍ୟଟିର ବିକାଶ ପାଇଁ ପଥ ପରିଷ୍କାର କରିଥାଏ । ସେହିପରି କୃଷି ଭିତ୍ତିକ ଶିଳ୍ପର ବିକାଶ ହେଲେ ଶିଳ୍ପ କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇ ଦାରିଦ୍ର୍ୟ ହଟାଇପାରିବ । ଏଥିସହିତ ଯୁକ୍ତିଯୁକ୍ତ ଉତ୍ପାଦନ କୌଶଳ ରାଷ୍ଟ୍ରରୁ ବୋକାରୀ ଦୂର କରିବା ପାଇଁ ସହାୟକ ପ୍ରଦାନ କରେ। ଉତ୍ପାଦନ କୌଶଳ ଦୁଇ ପ୍ରକାର: ଯଥା ଶ୍ରମ ପ୍ରଦାନ କୌଶଳ ଓ ପୁଞ୍ଜି ପ୍ରଦାନ କୌଶଳ। ଭାରତଭଳି ଜନବହୁଳ ଦେଶରେ ଶ୍ରମପ୍ରଦାନ କୌଶଳକୁ ବ୍ୟବହାର କରିବା ଉଚିତ କାରଣ ଦାରିଦ୍ର୍ୟ ନିରାକାରଣ ପାଇଁ ଗଣନିଯୁକ୍ତିର ଯଥେଷ୍ଟ ଆବଶ୍ୟକତା ରହିଛି । ଏତଦ୍‌ବ୍ୟତୀତ ଆଉକେତେକ ପଦକ୍ଷପ ନେବା ଜରୁରୀ ମନେହୁଏ। ସେଗୁଡିକ ହେଲା - (କ) ନିମ୍ନ ଆୟକାରୀ ଗୋଷ୍ଠୀ ଦ୍ୱାରା ବ୍ୟବହୃତ ଦ୍ରବ୍ୟ ଉପରେ ସରକାର କମ୍ ଟିକସ ବସାଇବା ଆବଶ୍ୟକ । ଏହା ସେମାନଙ୍କର ଉପଭୋଗ କ୍ଷମତା ବୃଦ୍ଧି କରିପାରିବା ଏବଂ ସେମାନଙ୍କୁ ଦାରିଦ୍ର୍ୟର ସୀମାରେଖା ଉପରକୁ ଆଣିପାରିବ (ଖ) ଦରିଦ୍ର ମାନଙ୍କୁ ସରାକାରୀ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଅତ୍ୟାବଶ୍ୟକ ଦ୍ରବ୍ୟ ରାହାତି ମୂଲ୍ୟରେ ଯୋଗାଇଦେବା ଉଚିତ୍ (ଗ) ଆଇନ୍ ଦ୍ୱାରା ସରକାର ସମସ୍ତଙ୍କ ପାଇଁ ନ୍ୟାୟୋଚିତ ମଜୁରୀ ବ୍ୟବସ୍ଥା କରିବା ଉଚିତ୍ (ଘ) ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ସ୍ୱାସ୍ଥ୍ୟ ଓ ଶିକ୍ଷା ଯୋଗାଇଦେବା ଉଚିତ୍ (ଙ) ପ୍ରତ୍ୟେକ ଦରିଦ୍ର ପରିବାରର ଅତିକମ୍‌ରେ ଜଣକୁ ନିଯୁକ୍ତି ଦେବା ଜରୁରୀ।

ଦାରିଦ୍ର୍ୟ ଉଭୟ ସମାଜ ଓ ଅର୍ଥବ୍ୟବସ୍ଥା ପାଇଁ ଏକ ଅଭିଶାପ। ଏହା ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି କରିଥାଏ। ବିଶ୍ୱସ୍ତରରୁ ଆରମ୍ଭ କରି ଆମ ଦେଶ ତଥା ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନେକ ଯୋଜନା କରାଯାଇଛି ଓ କରାଯାଉଛି ମଧ୍ୟ। କିନ୍ତୁ ସେଗୁଡିକର ସଫଳତା ଉତ୍ସାହଜନକ ନୁହେଁ । ତେଣୁ ଦାରିଦ୍ର୍ୟର ଆଶୁ ନିରାକରଣ ପାଇଁ ଅଧିକ ନିବେଶ, କୃଷିର ବିକାଶ, ଯୁକ୍ତିଯୁକ୍ତ ଉତ୍ପାଦନ କୌଶଳ, ଦରଦାମର ସ୍ଥିରତା, ଅସମାନତା ହ୍ରାସ, ଜନସଂଖ୍ୟା ନିୟନ୍ତ୍ରଣ ଓ ସର୍ବୋପରି କ୍ଷୁଦ୍ରଶିଳ୍ପ ଓ କୁଟୀର ଶିଳ୍ପ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ଉଚିତ। ତା ନହେଲେ ଦାରିଦ୍ର୍ୟ ଆମ ପାଇଁ ଚିର ସହଚର ହୋଇ ରହିଯିବ । ଏବେ ଦେଶରେ ନିର୍ବାଚନ ପ୍ରକ୍ରିୟା ଜାରି ରହିଛି। କେବଳ ଦୁଇଟି ପଞ୍ଚବାର୍ଷିକ ଯୋଜନାରେ ଓ ଦୁଇଟି ନିର୍ବାଚନରେ ଦାରିଦ୍ର୍ୟ ହଟାଅ ସ୍ଲୋଗାନକୁ ଗୁରୁତ୍ୱ ଦିଆଯାଇଥିଲା । ତେଣୁ ରାଜନୈତିକ ଦଳମାନେ ଦାରିଦ୍ର୍ୟ ଦୂରୀକରଣକୁ ନିର୍ବାଚନୀ ଇସ୍ତାହାରରେ ସ୍ଥାନ ଦେଲେ ତାହା ଯୁକ୍ତିଯୁକ୍ତ ହୁଅନ୍ତା ।

# ଗୋଡରେ ବେଡ଼ି ହାତରେ କଡ଼ି



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଟ୍ରମ୍ପ ଶାସନ ୨.୦ ଆରମ୍ଭ ହେବାପରେ ଆମେରିକାରୁ ବେଆଇନ ପ୍ରବାସୀ ଭାରତୀୟଙ୍କୁ ନିର୍ବାସନ ଅପ୍ରତ୍ୟାଶୀତ ନୁହେଁ କିନ୍ତୁ ଯେଉଁଭଳି ଭାବେ ବେଆଇନ ପ୍ରବାସୀ ଭାରତୀୟଙ୍କ ହାତରେ କଡି ଗୋଡରେ ବେଡି ପକାଇ ସାମରିକ ବିମାନରେ ସ୍ୱଦେଶକୁ ପଠାଇ ଦିଆଗଲା, ତାହା ମାନବିକ ଅଧିକାରୁ ଉଲଂଘନ କରୁଛି ବୋଲି ନିଃସନ୍ଦେହରେ କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ଦୁଇଟି ପର୍ଯ୍ୟାୟରେ ୩୦୦ରୁ ଉର୍ଦ୍ଧ୍ୱ ବେଆଇନ ଭାରତୀୟ ପ୍ରବାସୀଙ୍କୁ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିସାରିଲେଣି। ଏହି କ୍ରମରେ ୧୮ହଜାର ବେଆଇନ ପ୍ରବାସୀ ଭାରତୀୟଙ୍କୁ ଟ୍ରମ୍ପ ପ୍ରଶାସନ ଚିହ୍ନଟ କରିଛି। ତେବେ ନିକଟରେ ପଞ୍ଜାବ ସମେତ ୫ଟି ରାଜ୍ୟରେ ୨୦୫ ବାସିନ୍ଦା ଅମୃତସର ବିମାନ ବନ୍ଦରରେ ଅବତରଣ କରିଥିଲେ। ଯେଉଁମାନଙ୍କୁ ଗୋଡରେ ବେଡି, ହାତରେ କଡି ପକାଇ ସାମରିକ ବିମାନରେ ଅଣାଯାଇଥିବା ନେଇ ଚର୍ଚ୍ଚା ଚାଲିଛି। ପାର୍ଲିଆମେଣ୍ଟରେ ବିରୋଧିଦଳଗୁଡିକ ଏହାର ତୀବ୍ର ବିରୋଧ କରିବା ସହ କେନ୍ଦ୍ର ସରକାରଙ୍କ ନୀରବତା ଓ ଟ୍ରମ୍ପ ପ୍ରଶାସନର ଆଚରଣକୁ କଟୁ ସମାଲୋଚନା କରିଛନ୍ତି। ବେଆଇନ ପ୍ରବାସୀଙ୍କୁ ଗୋଡରେ ବେଡି, ହାତରେ କଡି ପକାଇ ସ୍ୱଦେଶକୁ ପଠାଇ ଦିଆଯିବା ଆମେରିକାର ଆଇନ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। କୌଣସି ଦେଶରେ ଆଭ୍ୟନ୍ତରୀଣ ଆଇନ ଉପରେ ଆମର କିଛି କହିବାର ନାହିଁ। ମାତ୍ର ସମଗ୍ର ବିଶ୍ୱ ମାନିବକ ଅଧିକାରର ସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥିବାବେଳେ ବିଶେଷ କରି ଆମେରିକାର ବୁଦ୍ଧିଜୀବି, ଶିକ୍ଷାବିତ, ରାଜନେତା ମାନବିକ ଅଧିକାରର ପ୍ରବକ୍ତା ସାଜିଥିବା ସମୟରେ ସେହି ଦେଶ କିପରି ବେଆଇନ ପ୍ରବାସୀଙ୍କ ପ୍ରତି ରୁକ୍ଷ ଆଚରଣ ପ୍ରଦର୍ଶନ କରିଛି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ। ଉଲ୍ଲେଖଯୋଗ୍ୟ ଯେ, ଗଲା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲଡ ଟ୍ରମ୍ପ ବେଆଇନ ଭାବେ ବସବାସ କରୁଥିବା ପ୍ରବାସୀଙ୍କୁ ଦେଶରୁ ବହିଃଷ୍କାର କରିବା ଲାଗି ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ନିର୍ବାଚନ ପ୍ରତିଶ୍ରୁତି ଅଂଶ ସ୍ୱରୂପ ପ୍ରବାସୀଙ୍କୁ ଆମେରିକାରୁ ବହିଃଷ୍କାର କରାଯାଇଛି। ଟ୍ରମ୍ପଙ୍କ ଏହି ପଦକ୍ଷେପରେ ବିସ୍ମିତ ହେବାର କିଛି କାରଣ ନାହିଁ। ଆମେରିକାରେ ଲକ୍ଷରୁ ଉର୍ଦ୍ଧ୍ୱ ପ୍ରବାସୀ ବେଆଇନ ଭାବେ ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରେ ୧୮ହଜାର ଭାରତୀୟ ଥିବା କୁହାଯାଏ। ଯେଉଁମାନେ ବିପଦଜନକ ପଥ ଦେଇ ବିନା ଭିସା, ବିନା ପାସପୋର୍ଟରେ ଆମେରିକାର ବିଭିନ୍ନ ପ୍ରଦେଶରେ ରହି ଆସୁଛନ୍ତି। ପିଉ ଗବେଷଣା ସଂସ୍ଥା ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ପ୍ରତିବର୍ଷ ହାରାହାରୀ ୯୦ହଜାର ଭାରତୀୟ ଆମେରିକାରେ ବେଆଇନ ଭାବେ ପ୍ରବେଶ ଉଦ୍ୟମ କରି ଧରା ପଡୁଛନ୍ତି। ଗତ ୨୦୨୨-୨୩ରେ ଏହି ସଂଖ୍ୟା ୯୬,୯୧୭ରେ ପହଞ୍ଚିଥିବା ବେଳେ ଜାନୁୟାରୀରେ ଆମେରିକା-କାନାଡା ସୀମାରେ ବେଆଇନ ଭାବେ ପ୍ରବେଶ କରିବାବେଳେ ଏକ ଗୁଜରାଟୀ ପରିବାରର ସଦସ୍ୟମାନେ ମୃତ୍ୟୁବରଣ କରିଥିବା ଘଟଣା ବୋଧହୁଏ କେହି ପାଶୋରୀ ନଥିବେ। ଏହା ସତ୍ତ୍ୱେ ବେଆଇନ ଅନୁପ୍ରବେଶ ସଂଖ୍ୟା କମୁନଥିବା ଚିନ୍ତାର ବିଷୟ। ଏହା ନିଃସନ୍ଦେହରେ କର୍ମ ସଂସ୍ଥାନ ଉଦ୍ଦେଶ୍ୟରେ ସେମାନେ ବିଶ୍ୱର ସବୁଠୁ ବିତ୍ତଶାଳୀ ରାଷ୍ଟ୍ରକୁ ଯିବା ମୁଖ୍ୟ ଉଦ୍ଦେଶ୍ୟ। ଏହା ସତ୍ୟ ଯେ, ବେଆଇନ ପ୍ରବାସୀଙ୍କୁ ଆମେରିକାର ବହିଃସ୍କାର ବା ବିତାଡିତ କରାଯିବା ନୂଆ ଘଟଣା ନୁହେଁ। ଆମେରିକାର ପ୍ରଶାସନ ଓ ସୀମା ଶୁଳ୍କ ବିଭାଗ ପକ୍ଷରୁ ୨୦୨୪ରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ଗତବର୍ଷ କେବଳ ୧,୫୨୯ ଜଣ ଭାରତୀୟ ବିତାଡିତ ହୋଇଛନ୍ତି। ସେହିପରି ୧୪୫ଟି ଦେଶକୁ ୧ଲକ୍ଷ ୬୦ହଜାର ବେଆଇନ ପ୍ରବାସୀଙ୍କୁ ପଠାଇ ଦିଆଯାଇଥିଲା। ବେଆଇନ ଭାବେ ଅନୁପ୍ରବେଶ କରି ବସବାସ କରୁଥିବା ପ୍ରବାସୀଙ୍କ ପ୍ରତି ବିଶ୍ୱର ପ୍ରାୟ ସବୁ ଦେଶରେ କଠୋର ଆଇନ ରହିଛି। ବିଶେଷ କରି ପାଶ୍ଚାତ୍ୟ ବିଶ୍ୱରେ ବେଆଇନ ପ୍ରବାସୀଙ୍କ ବିରୁଦ୍ଧରେ ମନୋଭାବ ଉଗ୍ର ହେବାରେ ଲାଗିଛି। ଏଥିଲାଗି ବେଆଇନ ପ୍ରବାସୀଙ୍କୁ ବର୍ଷ ବର୍ଷ ଧରି ନିର୍ଯାତିତ ହେବାକୁ ପଡୁଛି ବା ଜେଲଦଣ୍ଡ ଭୋଗୁଛନ୍ତି। ଏଥିଲାଗି ସେମାନଙ୍କୁ ଜୀବନସାରା କାରାଗାରର ଚାରି କୋଠରୀ ମଧ୍ୟରେ ରହିବାକୁ ପଡିଛି। ଏହା ସତ୍ୟ ଯେ, ଜଗତୀକରଣ ବିକଶିତ ରାଷ୍ଟ୍ରଗୁଡିକୁ ବେଆଇନ ଅନୁପ୍ରବେଶ ପାଇଁ ପରିବେଶ ସୃଷ୍ଟି କରିଛି। ବିଶେଷ କରି ଶୀତଳ ଯୁଦ୍ଧର ଅବସାନ ପରେ ଉଦାରୀକରଣ ନୀତି ଯୋଗୁଁ ଏସିଆ, ଆଫ୍ରିକା, ଦକ୍ଷିଣ ଆମେରିକାରୁ ୟୁରୋପ ଓ ଉତ୍ତର ଆମେରିକା ମହାଦେଶକୁ ସୁଅ ଛୁଟିଥିବା ରିପୋର୍ଟ ପ୍ରକାଶ ପାଇଛି। ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଉଛି କର୍ମ ସଂସ୍ଥାନ ମାତ୍ର ଏହି ମହାଦେଶଗୁଡିକର କେବଳ ବେଆଇନ ପ୍ରବାସୀ ନୁହେଁ ପ୍ରବାସୀଙ୍କ ବିରୁଦ୍ଧରେ ମନୋଭାବ ଉଗ୍ର ହେବାରେ ଲାଗିଛି। ଯାହାର ପରିଣତି ସ୍ୱରୂପ ବେଆଇନ ଅନୁପ୍ରବେଶକାରୀ ପ୍ରବାସୀଙ୍କୁ ବିରୁଦ୍ଧରେ ଯୋରଦାର ଚଢାଉ ଏବଂ ବିତାଡିତ କରାଯାଉଛି। ତେବେ ଏଥିରେ ବିସ୍ମିତ ହେବାରେ କିଛି ନାହିଁ। ମାତ୍ର ଯେଉଁଭଳି ଭାବେ ଆମେରିକା ବେଆଇନ ପ୍ରବାସୀଙ୍କ ଗୋଡରେ ବେଡି, ହାତରେ କଡି ପକାଇ ବିତାଡିତ କରୁଛି, ତାହା ମାନବିକ ଅଧିକାର ପ୍ରତି କୁଠାରଘାତ ବ୍ୟତୀତ ଅନ୍ୟ କିଛି ନୁହେଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୨ତାରିଖରେ ଆମେରିକା ଗସ୍ତ କରୁଥିବା ବେଳେ ଟ୍ରମ୍ପ ପ୍ରଶାସନର ଏଭଳି ଆଚରଣ ନିଶ୍ଚିତ ଭାବେ ଅଗ୍ରହଣୀୟ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଖେଳ
ଭୁବନେଶ୍ୱର, ୧୬ ଫେବୃୟାରୀ, ରବିବାର, ୨୦୨୫


# ଚାମ୍ପିଅନ୍ସ ଟ୍ରଫି ପାଇଁ ଦୁବାଇ ଅଭିମୁଖେ ଭାରତୀୟ ଟିମ୍, ୨୦ରେ ଖେଳିବ ପ୍ରଥମ ମ୍ୟାଚ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳ ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ଶନିବାର ଦୁବାଇ ଯାତ୍ରା କରିଛି । ବିସିସିଆଇର ନିୟମ ଅନୁଯାୟୀ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଓ ଅଧିନାୟକ ରୋହିତ ଶର୍ମା ସମେତ ଟିମ ଇଣ୍ଡିଆର ସମସ୍ତ ୧୫ ଖେଳାଳି ମୁମ୍ବାଇରୁ ଦୁବାଇ ଅଭିମୁଖେ ଯାତ୍ରା କରିଛନ୍ତି । ଏହି ସମୟରେ ରୋହିତ ଶର୍ମାଙ୍କୁ ବ୍ୟକ୍ତିଗତ କାରରେ ମୁମ୍ବାଇ ବିମାନ ବନ୍ଦରରେ ପହଞ୍ଚିବା ଦେଖିବାକୁ ମିଳିଥିଲା।

ଭାରତ ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ଫେବୃଆରୀ ୨୦ରେ ବାଂଲାଦେଶ ବିପକ୍ଷରେ ନିଜର ପ୍ରଥମ ମ୍ୟାଚ ଖେଳିବ। ଦୁବାଇ ଯାତ୍ରା କରିଥିବା ଭାରତୀୟ ଦଳରେ ହେଡ କୋଚ ଗମ୍ଭୀର, ଅଧିନାୟକ ରୋହିତ, ବିରାଟ କୋହଲି, ୱାଶିଂଟନ ସୁନ୍ଦର, କେଏଲ ରାହୁଲ, ଶ୍ରେୟସ ଆୟର, ଅକ୍ଷର ପଟେଲ, ଦ୍ରୁତ ବୋଲର ଅର୍ଶଦୀପ ସିଂ, ରବୀନ୍ଦ୍ର ଜାଡେଜା, ବରୁଣ ଚକ୍ରବର୍ତ୍ତୀ, ମହମ୍ମଦ ଶାମି, ଋଷଭ ପନ୍ତ, କୁଲଦୀପ ଯାଦବ ଓ ହର୍ଷିତ ରାଣା ବି ସାମିଲ।

ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଉଦଘାଟନୀ ମ୍ୟାଚ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ ଫେବୃଆରୀ ୧୯ରେ କରାଚିରେ ଖେଳାଯିବ। ୨୦ ତାରିଖରେ ଭାରତ ବାଂଲାଦେଶ ବିପକ୍ଷରେ ନିଜର ଅଭିଯାନ ଆରମ୍ଭ କରିବ। ଏହା ପରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଫେବୃଆରୀ ୨୩ରେ ହାଇଭୋଲଟେଜ ମ୍ୟାଚ ଖେଳାଯିବ। ଭାରତ ନିଜର ତୃତୀୟ ମ୍ୟାଚ ମାର୍ଚ୍ଚ ୨ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ।

ରୋହିତ ଶର୍ମା(ଅଧିନାୟକ), ଶୁଭମନ ଗିଲ୍, ଶ୍ରେୟସ ଆୟର, ବିରାଟ କୋହଲି, ଋଷଭ ପନ୍ତ(ୱିକେଟ କିପର), କେଏଲ ରାହୁଲ(ୱିକେଟ କିପର), ରବୀନ୍ଦ୍ର ଜାଡେଜା, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ୍, ୱାଶିଂଟନ ସୁନ୍ଦର, ଅର୍ଶଦୀପ ସିଂ, ହର୍ଷିତ ରାଣା, କୁଲଦୀପ ଯାଦବ, ମହମ୍ମଦ ଶାମି, ବରୁଣ ଚକ୍ରବର୍ତ୍ତୀ।

# ଏଥର ଚାମ୍ପିୟନଙ୍କ ବିନା ଖେଳାଯିବ ଚାମ୍ପିୟନ୍ସ ଟ୍ରଫି

**ନୂଆଦିଲ୍ଲୀ**

ଆସନ୍ତା ୧୯ ତାରିଖରୁ ଆରମ୍ଭ ହେଉଛି ଆଇସିସି ଚାମ୍ପିୟନ୍ସ ଟ୍ରଫି । ଦୀର୍ଘ ୮ ବର୍ଷ ପରେ ଚାମ୍ପିୟନ୍ସ ଟ୍ରଫି ବା ମିନି ବିଶ୍ୱକପ ଖେଳାଯାଉଛି। ପାକିସ୍ତାନ ଏହାର ଆୟୋଜନ କରୁଥିବା ବେଳେ ଭାରତ ତାର ମ୍ୟାଚ୍ ଗୁଡ଼ିକ ଦୁବାଇରେ ଖେଳିବ। ବିଶ୍ୱର ଟପ୍ ୮ ଟିମକୁ ନେଇ ଚାମ୍ପିୟନ୍ସ ଟ୍ରଫି ଦିନିକିଆ ଫର୍ମାଟରେ ଖେଳାଯିବ। ଏଥିପାଇଁ ସବୁ ପ୍ରକାରର ପ୍ରସ୍ତୁତି ଶେଷ ହୋଇଛି । ଆଇସିସିର ସମୟସୀମା ପୂର୍ବରୁ ସମସ୍ତ ୮ ଦଳ ସେମାନଙ୍କ ସ୍କ୍ୱାଡ ମଧ୍ୟ ଘୋଷଣା କରି ସାରିଛନ୍ତି।

କିନ୍ତୁ ୧୯ ତାରିଖରୁ ଆରମ୍ଭ ହେବାକୁ ଥିବା ଚାମ୍ପିୟନ୍ସ ଟ୍ରଫିରେ ଅନେକ ଚାମ୍ପିୟନ ଖେଳାଳି ନଜର ଆସିବେ ନାହିଁ। ଷ୍ଟାର ଖେଳାଳିଙ୍କ ଅନୁପସ୍ଥିତି ବିଭିନ୍ନ ଟିମର ସନ୍ତୁଳନକୁ ବିଗାଡ଼ି ଥିବା ବେଳେ ଫ୍ୟାନ୍ସ ମଧ୍ୟ



ନିରାଶ ହେବେ। ସବୁଠାରୁ ଅଧିକ ପ୍ରଭାବିତ ହେବାକୁ ଥିବା ଦଳ ହେଉଛି ଅଷ୍ଟ୍ରେଲିଆ । କଙ୍ଗାରୁ ଟିମ ବ୍ୟତୀତ ଅନ୍ୟ ଦଳ ଗୁଡ଼ିକ ମଧ୍ୟ ସେମାନଙ୍କ ଷ୍ଟାର ଖେଳାଳିଙ୍କୁ ଚାମ୍ପିୟନ୍ସ ଟ୍ରଫିରେ ମିସ କରିବେ।

ଚାମ୍ପିୟନ ଖେଳାଳିଙ୍କୁ ବାଦ ଦେଇ କେମିତି ଟୁର୍ଣ୍ଣାମେଣ୍ଟରେ ପ୍ରଦର୍ଶନ କରିବାକୁ ହେବ, ସେଥିପାଇଁ ସବୁ ଦଳ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାରେ ଲାଗିଛନ୍ତି । ଅଧିକାଂଶ ଦଳର ଷ୍ଟାର ଖେଳାଳି ଆହତ ସମସ୍ୟା ଯୋଗୁ ଚାମ୍ପିୟନ୍ସ ଟ୍ରଫିରୁ ବାଦ ପଡ଼ିଛନ୍ତି। ସେହିପରି ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ବ୍ୟକ୍ତିଗତ କାରଣ ପାଇଁ ମିନି ବିଶ୍ୱକପ ଖେଳିବେ ନାହିଁ ବୋଲି ଘୋଷଣା କରିଛନ୍ତି । ଏହାବାଦ ଅପ୍ରତ୍ୟାଶିତ ଅବସର ଯୋଗୁ କିଛି ବଡ଼ ଖେଳାଳି ବାଉଣ୍ଡରୀ ବାହାରେ ରହି ଚାମ୍ପିୟନ୍ସ ଟ୍ରଫି ଦେଖିବାକୁ ବାଧ୍ୟ ହେଉଛନ୍ତି । ଫ୍ୟାନ୍ସ ନିଶ୍ଚିତ ଭାବେ ଷ୍ଟାର ଖେଳାଳିଙ୍କୁ ମିସ କରିବେ। ହେଲେ ଏହା ନୂଆ ଖେଳାଳିଙ୍କୁ ନିଜ ପ୍ରତିଭା ଦେଖାଇବାର ସୁଯୋଗ ଦେବ।

ଷ୍ଟାର ଖେଳାଳିଙ୍କ ଅନୁପସ୍ଥିତି ଟୁର୍ଣ୍ଣାମେଣ୍ଟ ଉପରେ ପ୍ରଭାବ ପକାଇବ। କିଛି ଦଳ ଷ୍ଟାର ଖେଳାଳିଙ୍କ ବଦଳରେ ଉପଯୁକ୍ତ ପ୍ରତିଭାକୁ ପାଇବାକୁ ସକ୍ଷମ ହୋଇଛନ୍ତି। କିନ୍ତୁ ଆଉ କିଛି ଦଳ ଷ୍ଟାର ଖେଳାଳିଙ୍କ ଅଭିଜ୍ଞତା ଓ ଦକ୍ଷତାକୁ ମ୍ୟାଚ୍ କରିବା ଭଳି ଖେଳାଳିଙ୍କୁ ପାଇ ନାହାନ୍ତି । ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପରେ ଷ୍ଟାର ଖେଳାଳିଙ୍କ ଅନୁପସ୍ଥିତି କେମିତି ଟିମ ଉପରେ ପଡୁଛି, ତା ଉପରେ ସମସ୍ତଙ୍କ ନଜର ରହିବ। ସେହିପରି ଷ୍ଟାର ଖେଳାଳିଙ୍କ ବଦଳରେ ସୁଯୋଗ ପାଇଥିବା ନୂଆ ପ୍ରତିଭାମାନେ କେମିତି ଶୂନ୍ୟସ୍ଥାନକୁ ପୂରଣ କରୁଛନ୍ତି, ତା ବି ଦେଖିବାର ଅଛି।

# କ୍ରୀଡାପ୍ରେମୀଙ୍କ ପାଇଁ ଖୁସି ଖବର: ୯ଟି ଭାଷାରେ ହେବ ଚାମ୍ପିଅନ୍ସ ଟ୍ରଫିର ସିଧାପ୍ରସାରଣ



**ନୂଆଦିଲ୍ଲୀ**

ଫେବୃଆରୀ ୧୯ରୁ ଆରମ୍ଭ ହେବ ଆଇସିସି ଚାମ୍ପିଅନ୍ସ ଟ୍ରଫି-୨୦୨୫। ଉତ୍ସାହର ସହ ଅପେକ୍ଷା କରିଛନ୍ତି କ୍ରୀଡା ପ୍ରେମୀ । ୧୯୯୬ ପରଠାରୁ ପ୍ରଥମ ଥର ପାଇଁ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାର ସୁଯୋଗ ପାଇଛି ପାକିସ୍ତାନ। କିନ୍ତୁ ଦୁବାଇର କ୍ରିକେଟ୍ ଷ୍ଟାଡିୟମରେ ଖେଳିବ ଟିମ୍ ଇଣ୍ଡିଆ। ମ୍ୟାଚଗୁଡିକର ଲାଇଭ ଟେଲିକାଷ୍ଟକୁ ନେଇ ଭାରତୀୟ ପ୍ରଶଂସକଙ୍କୁ ବଡ ଉପହାର ଦେଇଛି।

ସମସ୍ତ କ୍ରିକେଟ ପ୍ରେମୀମାନେ ଚାମ୍ପିଅନ୍ସ ଟ୍ରଫିକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ମିନି ବିଶ୍ୱକପ ନାମରେ ଜଣାଶୁଣା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ଫେବୃଆରୀ ୧୯ରେ ଖେଳାଯିବ। ଫାଇନାଲ ମ୍ୟାଚ ୯ ମାର୍ଚ୍ଚରେ ଖେଳାଯିବ। ଏଥିରେ ଭାଗ ନେଉଥିବା ୮ଟି ଦଳ ପ୍ରତ୍ୟେକଙ୍କୁ ୪ଟି ଦୁଇଟି ଭିନ୍ନ ଦଳରେ ବିଭକ୍ତ କରାଯାଇଛି । ଏହି ମ୍ୟାଚ ଗୁଡିକର ଲାଇଭ ଟେଲିକାଷ୍ଟ ବିଷୟରେ ସମସ୍ତ ତଥ୍ୟ କହିବା ସହ ସହିତ ଭାରତୀୟ ପ୍ରଶଂସକଙ୍କୁ ମଧ୍ୟ ଏକ ବଡ ଗିଫ୍ଟ ଦେଇଛି ।

ପ୍ରଥମ ଥର ପାଇଁ ଭାରତୀୟ ପ୍ରଶଂସକମାନେ ୯ଟି ଭାଷାରେ ଆନ୍ତର୍ଜାତୀୟ ମ୍ୟାଚର ସିଧାପ୍ରସାରଣ ଉପଭୋଗ କରିପାରିବେ। ଏହି ମ୍ୟାଚଗୁଡିକ ସ୍ପୋର୍ଟସ-୧୯ ଏବଂ ଷ୍ଟାର ସ୍ପୋର୍ଟସ ନେଟୱାର୍କରେ ଭାରତରେ ସିଧା ପ୍ରସାରଣ ହେବ। ଏହା ବ୍ୟତୀତ ଆପରେ ମ୍ୟାଚଗୁଡ଼ିକର ଅନଲାଇନ ଲାଇଭ ଷ୍ଟ୍ରିମିଂ ହେବ। ଯେଉଁଥିରେ ପ୍ରଶଂସକମାନେ ଇଂରାଜୀ, ହିନ୍ଦୀ, ମରାଠୀ, ହରିୟାଣୀ, ବଙ୍ଗାଳୀ, ଭୋଜପୁରୀ, ତାମିଲ, ତେଲୁଗୁ ଏବଂ କନ୍ନଡ ଭାଷାରେ କମେଣ୍ଟ୍ରିକୁ ଉପଭୋଗ କରିପାରିବେ। ଏହା ବ୍ୟତୀତ ପ୍ରଶଂସକମାନେ ମଲ୍ଟି କ୍ୟାମ ଫିଡ୍ର ମଧ ମଜା ନେଇପାରିବେ।

ଭାରତୀୟ କ୍ରିକେଟ ଦଳ ଚାମ୍ପିଅନ୍ସ ୨୦୨୫ ପାଇଁ ଶନିବାର ଦୁବାଇ ଯାତ୍ରା କରିଛି । ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଓ ଅଧିନାୟକ ରୋହିତ ଶର୍ମା ସମେତ କିଛି ଖେଳାଳି ମୁମ୍ବାଇରୁ ଦୁବାଇ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ଟିମ ଇଣ୍ଡିଆର ଖେଳାଳି ଦୁଇଟି ପର୍ଯ୍ୟାୟରେ ଦୁବାଇ ପହଞ୍ଚିବେ । ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଉଦଘାଟନୀ ମ୍ୟାଚ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବ। ଭାରତ ଫେବୃଆରୀ ୨୦ରେ ବାଂଲାଦେଶ ବିପକ୍ଷରେ ନିଜର ପ୍ରଥମ ମ୍ୟାଚ ଖେଳିବ । ଏହା ପରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ହାଇଭୋଲଟେଜ ମ୍ୟାଚ ଫେବୃଆରୀ ୨୩ରେ ଖେଳାଯିବ। ଭାରତ ନିଜର ତୃତୀୟ ମ୍ୟାଚ ମାର୍ଚ୍ଚ ୨ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ।

# ଟିମ୍ ଇଣ୍ଡିଆ ଉପରେ କାହିଁକି କ୍ଷୁବ୍ଧ ପାକିସ୍ତାନୀ

**ନୂଆଦିଲ୍ଲୀ**

ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନ ପଲ୍ଲା ଭାରୀ ରହିଛି । ମିନି ବିଶ୍ୱକପ ଦୁଇ ଦଳ ୫ଥର ମୁହାଁ ମୁହିଁ ହୋଇଛନ୍ତି। ଏଥିରୁ ପାକିସ୍ତାନ ୩ଟି ଜିତିଥିବା ବେଳେ ଭାରତ ମାତ୍ର ୨ଟି ମ୍ୟାଚ୍ ଜିତି ପାରିଛି।

ପାକିସ୍ତାନ ଓ ନ୍ୟୁଜିଲ୍ୟାଣ୍ଡ ଲଢେଇରୁ ଆରମ୍ଭ ହେବ ଚାମ୍ପିୟନ୍ସ ଟ୍ରଫି । ଫେବୃଆରୀ ୧୯ରୁ ଚାମ୍ପିୟନ୍ସ ଟ୍ରଫି ଆରମ୍ଭ ହେବାକୁ ଯାଉଛି । ବିଶ୍ୱର ଟପ ୮ ଦଳକୁ ନେଇ ଚାମ୍ପିୟନ୍ସ ଟ୍ରଫି ଖେଳା ଯାଉଥିବା ବେଳେ ସମସ୍ତଙ୍କ ନଜର ଭାରତ ଓ ପାକିସ୍ତାନ ମ୍ୟାଚ୍ ଉପରେ ରହିଛି। ଦୁଇ ଚୀର ପ୍ରତିଦ୍ୱନ୍ଦ୍ୱୀ ଫେବୃଆରୀ ୨୩ରେ ପରସ୍ପରକୁ ଦୁବାଇରେ ଭେଟିବେ। ପୂର୍ବରୁ ମଧ୍ୟ ଆଇସିସିର ବିଭିନ୍ନ ଟୁର୍ଣ୍ଣାମେଣ୍ଟରେ ଭାରତ ଓ ପାକିସ୍ତାନ ମଧ୍ୟରେ ଲଢେଇ ହୋଇଥିଲା। କିନ୍ତୁ ଏଥର ଏହି ହାଇଭୋଲଟେଜ ମ୍ୟାଚ୍‌ର ଗୁରୁତ୍ୱ ଯଥେଷ୍ଟ ଅଧିକ ରହିଛି । ଚାମ୍ପିୟନ୍ସ ଟ୍ରଫି ୨୦୨୫ର ଆୟୋଜନକୁ ନେଇ ଯେଉଁ ସବୁ ଘଟଣା ଘଟିଛି, ସେଥିପାଇଁ ପାକିସ୍ତାନ ଟିମର ଫ୍ୟାନ୍ସ ଭାରତ ଉପରେ କ୍ଷୁବ୍ଧ ହୋଇଛନ୍ତି। ଭାରତ ବିରୋଧରେ ସେମାନେ ଏବେ ଠାରୁ ଅଭିଯାନ ଆରମ୍ଭ କରିଦେଇଛନ୍ତି।

ପ୍ରକୃତ ଘଟଣା ହେଉଛି ଯେ ଚାମ୍ପିୟନ୍ସ ଟ୍ରଫି ୨୦୨୫ ସଂପୂର୍ଣ୍ଣ ଭାବେ ପାକିସ୍ତାନରେ ଆୟୋଜନ ହେବାର ଥିଲା । କିନ୍ତୁ ବିସିସିଆଇ ଭାରତୀୟ ଟିମକୁ ପାକିସ୍ତାନ ପଠାଇବ ନାହିଁ କହିବା ପରେ ବିବାଦ ବଢିଥିଲା। ପାକିସ୍ତାନ କ୍ରିକେଟ ବୋର୍ଡ ପ୍ରଥମେ ଏହି ପ୍ରସଙ୍ଗରେ ଭାରତ ଓ ଆଇସିସିକୁ ନାଲି ଆଖି ଦେଖାଇଥିଲା। ତଥାପି କୌଣସି ସୁଫଳ ନ ମିଳିବାରୁ ପିସିବି ହାଇବ୍ରିଡ ମଡେଲରେ ରାଜି ହୋଇଥିଲା।

ନିଷ୍ପତ୍ତି ଅନୁସାରେ, ଭାରତୀୟ ଟିମ ପାକିସ୍ତାନରେ କୌଣସି ମ୍ୟାଚ୍ ଖେଳିବ ନାହିଁ । ପାକିସ୍ତାନ ବଦଳରେ ଦଳ ଚାମ୍ପିୟନ୍ସ ଟ୍ରଫିର ସମସ୍ତ ମ୍ୟାଚ୍ ଦୁବାଇର ଖେଳିବ ବୋଲି ନିଷ୍ପତ୍ତି ହୋଇଛି । ବାସ୍ ଏପରି ଘଟଣା ପାକିସ୍ତାନ ଫ୍ୟାନ୍ସଙ୍କୁ କ୍ଷୁବ୍ଧ କରିଛି। କାରଣ ସେମାନେ ଦୀର୍ଘ ବର୍ଷ ପରେ ଭାରତ ଓ ପାକିସ୍ତାନ ମ୍ୟାଚକୁ ନିଜ ଦେଶରେ ଉପଭୋଗ କରିବେ ବୋଲି ଆଶା କରିଥିଲେ। କିନ୍ତୁ ଭାରତୀୟ ଟିମ ପାକିସ୍ତାନ ଯାଉ ନଥିବାରୁ ଫ୍ୟାନ୍ସ ନିଜର ଅସନ୍ତୋଷ ଝାଡ଼ିଛନ୍ତି।

ସେହିପରି ସେମାନେ ଏଥର ଭାରତ ଓ ପାକିସ୍ତାନ ଲଢ଼େଇକୁ ଗୋଟିଏ ସାଧାରଣ ମ୍ୟାଚ୍ ବଦଳରେ ଇଜତ ଓ ସମ୍ମାନର ଲଢେଇ ଭାବେ ବିବେଚନା କରିଛନ୍ତି । ଖାଲି ସେତିକି ନୁହେଁ, ଭାରତୀୟ ଟିମ ପାକିସ୍ତାନ ଆସୁ ନଥିବାରୁ ପାକିସ୍ତାନ ଫ୍ୟାନ୍ସ ନିଜ ଦଳର ଖେଳାଳି ବିଶେଷ କରି ଅଧିନାୟକ ମହମ୍ମଦ ରିଜାନଙ୍କ ପାଇଁ ମଧ୍ୟ କଡ଼ା ବାର୍ତ୍ତା ଦେଇଛନ୍ତି । ମ୍ୟାଚ୍ ବେଳେ ଭାରତୀୟ




ଟିମ ସହ କୌଣସି ପ୍ରକାରର ବନ୍ଧୁତା ନ ରଖିବାକୁ ସେମାନେ ରିଜାନ ଓ ପାକିସ୍ତାନର ଅନ୍ୟ ଖେଳାଳିଙ୍କୁ ପରାମର୍ଶ ଦେଇଛନ୍ତି।

ପାକିସ୍ତାନ ସାମ୍ବାଦିକ ଫରିଦ ଖାନ ଦେଇଥିବା ସୂଚନା ଅନୁସାରେ ପାକିସ୍ତାନ କ୍ରିକେଟ ଫ୍ୟାନ୍ସ ଭାରତ ଉପରେ ପ୍ରବଳ ରାଗିଛନ୍ତି । ଫାରିଦ ସୋଶାଲ ମିଡିଆରେ ପୋଷ୍ଟ କରିଥିବା ଭିଡିଓରେ ଦେଖିବାକୁ ମିଳିଛି ଯେ ପାକିସ୍ତାନ କ୍ରିକେଟର ଜଣେ ଫ୍ୟାନ ଚାମ୍ପିୟନ୍ସ ଟ୍ରଫି ମ୍ୟାଚ୍ ଯାଏ ମହମ୍ମଦ ରିଜାନଙ୍କ ନେତୃତ୍ୱାଧୀନ ପାକିସ୍ତାନ ଟିମର ସଦସ୍ୟମାନଙ୍କୁ ଭାରତୀୟ କ୍ରିକେଟରଙ୍କ ସହ ଥିବା ବନ୍ଧୁତାକୁ ସାଇଡରେ ରଖିବାକୁ କହିଛନ୍ତି । ଏଥିସହ ବିରାଟ କୋହଲି ଓ ଭାରତୀୟ ଟିମର ଅନ୍ୟ ଖେଳାଳିଙ୍କୁ ପାକିସ୍ତାନ ଟିମର ସଦସ୍ୟମାନେ ଆଦୌ ଆଲିଙ୍ଗନ ନ କରନ୍ତୁ ବୋଲି ସେ ମତ ରଖିଛନ୍ତି।

ସେ କହିଛନ୍ତି, ମୁଁ ଆମ ଟିମ(ପାକିସ୍ତାନ)ର ଖେଳାଳିମାନଙ୍କୁ କହିବାକୁ ଚାହେଁ ଯେ ସେମାନେ ସେଠାରେ(ଦୁବାଇ) ଭାରତୀୟ ଖେଳାଳିଙ୍କ ସହ କୌଣସି ପ୍ରକାରର ଥଟ୍ଟା ମଜା କରନ୍ତୁ ନାହିଁ । ଭାରତୀୟ ଖେଳାଳି ଓ ବିରାଟ କୋହଲିଙ୍କ ସହ ଏମାନଙ୍କର ଭଲ ବନ୍ଧୁତା ରହିଛି। ହେଲେ ସେସବୁ ସାଇଡରେ ରଖାଯାଉ। ଭାରତୀୟ ଖେଳାଳି କିମ୍ବା ବିରାଟ କୋହଲିଙ୍କୁ ଆଲିଙ୍ଗନ କରିବାର ଆବଶ୍ୟକ ନାହିଁ।

ସେମାନେ ଆମ ସହ ଅନ୍ୟାୟ କରିଛନ୍ତି । ସେମାନଙ୍କ ପାଇଁ ପାକିସ୍ତାନକୁ ଆମେ ଲାହୋରରେ ଖେଳୁଥିବା ଦେଖିପାରିବୁ ନାହିଁ। ତେଣୁ ରିଜାନ ସାହେବ ଓ ଅନ୍ୟମାନଙ୍କୁ ମୁଁ କହିବାକୁ ଚାହୁଁଛି ଯେ ଭାରତୀୟ ଖେଳାଳିଙ୍କ ସହ ଥିବା ବନ୍ଧୁତା ଓ ଅନ୍ୟ ସମ୍ପର୍କକୁ ସମସ୍ତେ ଚାମ୍ପିୟନ୍ସ ଟ୍ରଫି ମ୍ୟାଚ୍ ଯାଏ ସାଇଡ କରି ରଖନ୍ତୁ । ଏହି ମ୍ୟାଚ୍‌କୁ ସାଧାରଣ ମ୍ୟାଚ୍ ଭାବେ ବିବେଚନା କରନ୍ତୁ ନାହିଁ । ଏହା ଇଜତର ଲଢେଇ।

ଭାରତ ଓ ପାକିସ୍ତାନ ଫାଇନାଲ ମ୍ୟାଚ୍ ବହୁତ ବଢିଆ। କିନ୍ତୁ ଭାରତ ଏଥର ଯେଉଁ ହରକତ କରିଛି ତାକୁ ଦେଖି ଆମେ ଚାହୁଁଛୁ ଯେ ପ୍ରଥମ ରାଉଣ୍ଡରୁ ଦଳ ବିଦା ହେଇ ଯାଉ ଆମେ ଏଇଟା ମଧ ଚାହୁଁଛୁ ଯେ ଭାରତକୁ ବାଂଲାଦେଶ ହରାଉ।

ଆଇସିସି ପୁରୁଷ ଦିନିକିଆ ବିଶ୍ୱକପ କିମ୍ବା ଟି-୨୦ ବିଶ୍ୱକପ ଅପେକ୍ଷା ଚାମ୍ପିୟନ୍ସ ଟ୍ରଫିରେ ଭାରତ ଓ ପାକିସ୍ତାନ ମ୍ୟାଚ୍ ସ୍ଥିତି ଭିନ୍ନ। ଦିନିକିଆ ଓ ଟି-୨୦ ବିଶ୍ୱକପରେ ଭାରତ ଅଧିକାଂଶ ମ୍ୟାଚ୍ ପାକିସ୍ତାନ ବିପକ୍ଷରେ ଜିତିଛି । ପାକିସ୍ତାନ କେବଳ ୨୦୨୧ ଟି-୨୦ ବିଶ୍ୱକପରେ ଭାରତ ଠାରୁ ଜିତିଥିଲା। ବାକି ସମସ୍ତ ଦିନିକିଆ ଓ ଟି-୨୦ ବିଶ୍ୱକପରେ ଭାରତ ଜିତିଛି। କିନ୍ତୁ ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନ ପଲ୍ଲା ଭାରୀ ରହିଛି । ମିନି ବିଶ୍ୱକପ ଦୁଇ ଦଳ ୫ଥର ମୁହାଁ ମୁହିଁ ହୋଇଛନ୍ତି । ଏଥିରୁ ପାକିସ୍ତାନ ୩ଟି ଜିତିଥିବା ବେଳେ ଭାରତ ମାତ୍ର ୨ଟି ମ୍ୟାଚ୍ ଜିତି ପାରିଛି।

୨୦୧୭ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ମଧ୍ୟ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଟିମକୁ ପାକିସ୍ତାନ ପରାସ୍ତ କରିଥିଲା। ୨୦୧୭ରେ ପାକିସ୍ତାନ ପ୍ରଥମଥର ଚାମ୍ପିୟନ୍ସ ଟ୍ରଫି ଜିତିବାକୁ ମଧ୍ୟ ସକ୍ଷମ ହୋଇଥିଲା। ସେହିବର୍ଷ ଗ୍ରୁପ ପର୍ଯ୍ୟାୟରେ କିନ୍ତୁ ଭାରତୀୟ ଟିମ ପାକିସ୍ତାନକୁ ହରାଇଥିଲା। ତେଣୁ ଫାଇନାଲରେ ବି ଭାରତୀୟ ଟିମ ଜିତିବ ବୋଲି ସମସ୍ତେ ଆଶା କରିଥିଲେ। ହେଲେ ସମସ୍ତଙ୍କୁ ଚକିତ କରି ପାକିସ୍ତାନ ଟ୍ରଫି ଜିତି ନେଇଥିଲା।

# କ୍ରିକେଟ ଦୁନିଆରେ ପାଦ ଦେଲେ ପୁଲୱାମା ସହିଦଙ୍କ ପୁଅ

**ଭୁବନେଶ୍ୱର**

ଜାମ୍ମୁ-କାଶ୍ମୀରର ପୁଲୱାମାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ୬ ବର୍ଷ ପୂରଣ ହୋଇସାରିଛି। ୨୦୧୯ ଫେବୃୟାରୀ ୧୪ରେ ଜୈଶ ଆତଙ୍କୀ ସଂଗଠନର ଆକ୍ରମଣ ଯୋଗୁ ୪୦ ଯବାନ ସହିଦ ହୋଇଥିଲେ। ଏବେ ସହିଦ ଯବାନଙ୍କ ପୁଅ କ୍ରିକେଟ ଦୁନିଆରେ ପାଦ ଦେଇଛନ୍ତି। ଏହା ପଛରେ ରହିଛି ପୂର୍ବତନ କ୍ରିକେଟର ବୀରେନ୍ଦ୍ର ସେହୱାଗଙ୍କ ବଳିଷ୍ଠ ଭୂମିକା।

ପୁଲ୍‌ୱାମା ଆକ୍ରମଣ ପରେ ସେହୱାଗ ଏକ ବଡ଼ ନିଷ୍ପତ୍ତି ନେଇଥିଲେ। ପୁଲୱାମାରେ ସହିଦ ହୋଇଥିବା ଯବାନଙ୍କ ପିଲାମାନଙ୍କ ପଢ଼ା ଖର୍ଚ୍ଚ ବହନ କରିବାର ଦାୟିତ୍ୱ ନେଇଥିଲେ ସେହୱାଗ। ଯାହାକୁ ସେ ଅତି ଉତ୍ତମ ଭାବେ ନିର୍ବାହ କରିଛନ୍ତି। ସହିଦଙ୍କ ପିଲାଙ୍କ ମଧ୍ୟରୁ ୨ ଜଣ ହେଉଛନ୍ତି ରାହୁଲ ସୋରେଙ୍ଗ ଏବଂ ଅର୍ପିତ ସିଂହ। ଉଭୟେ ଝଜ୍ଜରସ୍ଥିତ ସେହୱାଗ ଇଣ୍ଟରନେସନାଲ ସ୍କୁଲରେ ଅଧ୍ୟୟନ କରୁଛନ୍ତି । ରାହୁଲଙ୍କ ପିତା ବିଜୟ ସୋରେଙ୍ଗ ଏବଂ ଅର୍ପିତଙ୍କ



ପିତା ରାମ କିଲ ପୁଲୱାମାରେ ସହିଦ ହୋଇଥିଲେ। ରାହୁଲ ବର୍ତ୍ତମାନ କ୍ରିକେଟ ଦୁନିଆରେ ନିଜର ପରିଚୟ ସୃଷ୍ଟି କରିବାକୁ ଯାଉଛନ୍ତି । ନିକଟରେ ହରିୟାଣା କ୍ରିକେଟର ୧୯ ବର୍ଷରୁ କମ୍ ଦଳରେ ରାହୁଲଙ୍କ ଚୟନଙ୍କ ହୋଇଛି। ସେହୱାଗ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି।

ଫେବୃୟାରୀ ୧୪ରେ ସେହୱାଗ ଏକ ମର୍ମସ୍ପର୍ଶୀ ପୋଷ୍ଟ କରି ଲେଖିଛନ୍ତି, ଏହି ଦୁଃଖଦ ଦିନକୁ ୬ବର୍ଷ ପୂରିଲା। ଆମ ବାହାଦୁର ଯବାନମାନଙ୍କ ବଳିଦାନ ଏକ ଅପୂରଣୀୟ କ୍ଷତି । କିନ୍ତୁ ସହିଦ ବିଜୟ ସୋରେଙ୍ଗଙ୍କ ପୁଅ ରାହୁଲ ସୋରେଙ୍ଗ ଏବଂ ସହିଦ ରାମ କିଲଙ୍କ ପୁଅ ଅର୍ପିତ ସିଂହ ୫ବର୍ଷ ଧରି ସେହୱାଗ ଇଣ୍ଟରନେସନାଲ ସ୍କୁଲରେ ପଢୁଛନ୍ତି । ରାହୁଲ ନିକଟରେ ହରିୟାଣାର ୧୯ ବର୍ଷରୁ କମ୍ କ୍ରିକେଟ ଦଳରେ ଖେଳିବା ଲାଗି ଚୟନ ହୋଇଛନ୍ତି। ସମସ୍ତ ବାହାଦୁରମାନଙ୍କୁ ପ୍ରଣାମ।

ସେହୱାଗଙ୍କ ଏହି ପୋଷ୍ଟ କେବଳ ରାହୁଲଙ୍କ ଉପଲବ୍ଧିର ଖୁସିକୁ ଦର୍ଶାଇ ନାହିଁ ବରଂ ଭାରତୀୟ ସୈନିକମାନଙ୍କ ବଳିଦାନ ଏବଂ ସେମାନଙ୍କ ପରିବାର ପ୍ରତି ସମର୍ଥନର ଗୁରୁତ ଉପରେ ଆଲୋକପାତ କରିଛି। ରାହୁଲ ସୋରେଙ୍ଗଙ୍କ ଘର ଝାଡ଼ଖଣ୍ଡର ଗୁମଲା ଜିଲାରେ। ତାଙ୍କ ବାପା ବିଜୟ ସିଆରପିଏଫର ୮୨ତମ ବାଟାଲିଅନରେ ମୁଖ୍ୟ କନଷ୍ଟେବଲ ପଦବୀରେ ନିଯୁକ୍ତ ଥିଲେ।



କଳିଙ୍ଗ ଷ୍ଟାଡିୟମରେ ଏଫଆଇଏଚ୍ ପ୍ରୋ ଲିଗ୍‌ର ପ୍ରଥମ ଦିବସରେ ଦ୍ୱିତୀୟ ମ୍ୟାଚ୍‌ରେ ୩-୨ ଗୋଲରେ ଇଂଲଣ୍ଡକୁ ପରାସ୍ତ କଲା ମହିଳା ଭାରତୀୟ ଦଳ (ଫଟୋ-ସମ୍ବାଦ କଳିକା)




କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫଆଇଏଚ୍ ପ୍ରୋ ଲିଗ୍ ପ୍ରଥମ ଦିବସର ତୃତୀୟ ମ୍ୟାଚ୍‌ରେ ଇଣ୍ଡିଆ ସହିତ ଇଏସ୍‌ପି (ଫଟୋ-ସମ୍ବାଦ କଳିକା)

# ବିଧାୟକ କପ ଫୁଟବଲ ପ୍ରତିଯୋଗିତା ଉଦଘାଟିତ : ବୌଦ୍ଧ ଓ ମୁଣ୍ଡାପଡା ବିଜୟୀ

**ବୌଦ୍ଧ : ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଅନ୍ତର୍ଗତ ଫ୍ରେଣ୍ଡସ କ୍ଲବ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ କାର୍ଡ ଆନୁକୂଲ୍ୟରେ ମୁଣ୍ଡାପଡା ଖେଳ ପଡିଆରେ ପ୍ରଥମ ବିଧାୟକ କପ ଫୁଟବଲ ପ୍ରତିଯୋଗିତା ବୁଧବାର ଉଦଘାଟିତ ହୋଇଯାଇଛି । ଏହି ପ୍ରତିଯୋଗିତାର ଉଦଘାଟନ ମ୍ୟାଚ୍ ବୌଦ୍ଧ- ବୀରମହାରାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବୌଦ୍ଧ ଗେହ୍ଲା ମା ବୀରମହାରାଜପୁରକୁ ୨ ଗୋଲ ଦେଇ ବିଜୟୀ ହୋଇଥିଲା। ପ୍ରତିଯୋଗିତାରେ ଦ୍ୱିତୀୟ ମ୍ୟାଚ୍ ରେଢାଖୋଲ ଓ ମୁଣ୍ଡାପଡା ମଧ୍ୟରେ ହୋଇଥିଲା। ଏଥିରେ ମୁଣ୍ଡାପଡା ୩-୦ ଗୋଲରେ ବିଜୟୀ ହୋଇଥିଲା। ଖେଳରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବ୍ଲକ ଉନ୍ନୟନ ଅଧିକାରୀ ଯୁଧିଷ୍ଠିର ମେହେର, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ତଥା ମୁଣ୍ଡାପଡା ସ୍ୱେଚ୍ଛାସେବୀ ଅନୁଷ୍ଠାନ କାର୍ଡର ସମ୍ପାଦକ ଧର୍ମୁଧର ପୋଡ଼, କନିଷ୍ଠ ଯନ୍ତ୍ରୀ ମନୋଜ ପ୍ରଧାନ, ବୌଦ୍ଧ ବିଜେପି ଗ୍ରାମୀଣ ସଭାପତି ସୁଶୀଲ କୁମାର ହୋତା, ସ୍ୱେଚ୍ଛାସେବୀ ବିକ୍ରମ ପ୍ରଧାନ ଯୋଗଦେଇ ଖେଳକୁ ଉଦଘାଟନ କରିଥିଲେ। ବିନିକା- ପୁରୁଣାକଟକ ଓ ଅନୁଗୁଳ ଓ ଫୁଲବାଣୀ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହେବ । ଏହି ଖେଳକୁ ସଲିଲ ବେହେରା, ମାନଭଜ ମହାରଣା, ଅମିତ ବେହେରା ପରିଚାଳନା କରିଥିଲେ। ଅମ୍ବରୀଶ ପ୍ରଧାନ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ଫ୍ରେଣ୍ଡସ କ୍ଲବ ଓ କାର୍ଡ ର ସଭ୍ୟମାନେ ଏହି ଫୁଟବଲ ପ୍ରତିଯୋଗିତାରେ ସହଯୋଗ କରିଥିଲେ। ଚାମ୍ପିୟାନ ଦଳକୁ ଟ୍ରଫି ସହ ୨୦ ହଜାର ଓ ଉପ ବିଜେତା ଦଳକୁ ଟ୍ରଫି ସହ ୧୫ ହଜାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

# ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ପ୍ରବନ୍ଧ ସମିତି ବୈଠକ

**ବୌଦ୍ଧ : ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଚଳିତ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ପ୍ରବନ୍ଧନ ସମିତିର ତୃତୀୟ ବୈଠକ ସମିତିର ଅଧ୍ୟକ୍ଷ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ସନକ ମେହେର ସମିତିର ସଦସ୍ୟ ମାନଙ୍କୁ ସ୍ୱାଗତ କରିବା ସହିତ ଚଳିତ ଶିକ୍ଷା ବର୍ଷର ସିବିଏସଇ ପରୀକ୍ଷା ଓ ଘରୋଇ ପରୀକ୍ଷା ବିଷୟରେ ଅବଗତ କରାଇଥିଲେ । ବିଦ୍ୟାଳୟର ସୁପରିଚାଳନା ପାଇଁ ଆବଶ୍ୟକ ପ୍ରସ୍ତାବ ଗୁଡ଼ିକ ଅଧ୍ୟକ୍ଷଙ୍କ ଦ୍ୱାରା ସମିତି ସମ୍ମୁଖରେ ଆଲୋଚନା କରାଯାଇ ଉପସ୍ଥାପିତ କରାଯାଇଥିଲା । ବୈଠକରେ ବିଦ୍ୟାଳୟର ଅଧ୍ୟକ୍ଷ, ଜିଲ୍ଲାପାଳ ଶ୍ରୀ ପଣ୍ଡା ପ୍ରସ୍ତାବ ଗୁଡ଼ିକର ଆଶୁ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ସମ୍ବନ୍ଧରେ ଆଲୋଚନା କରି ଅଧ୍ୟକ୍ଷଙ୍କୁ ବିଭିନ୍ନ ବିଷୟରେ ପଦକ୍ଷେପ ନେବାପାଇଁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀ ମାନଙ୍କୁ ଚାପ ମୁକ୍ତ ହୋଇ ପରୀକ୍ଷା ଦେବା ପାଇଁ ପ୍ରେରଣାଦାୟକ ମୋଟିଭେସନ କ୍ଲାସର ଆୟୋଜନ କରିବା, ସମୟାନୁସାରେ ନିଜକୁ ଗଢିବା, ପିଲାମାନେ ଭୁଲ ନିଷ୍ପତ୍ତି ନ ନେବା, ପରୀକ୍ଷା ପାଇଁ ପିଲାମାନେ ବିଚଳିତ ନ ହେବା, ନିଜ ଭିତରେ ପିଲାମାନେ ଆତ୍ମବିଶ୍ୱାସ ବଢାଇବା, ଘରେ ପିତା, ମାତା ପିଲାଙ୍କ ଉପରେ ଚାପ ନ ପକାଇବା ସହିତ ପିଲାଙ୍କ ଅନ୍ତର୍ନିହିତ ଜ୍ଞାନ ର ବିକାଶ ଦିଗରେ ପଦକ୍ଷେପ ନେବା, ପରୀକ୍ଷା ପେ ଚର୍ଚ୍ଚା ରେ ପିଲାଙ୍କୁ ଦିଗଦର୍ଶନ ଦେବା, ବିଦ୍ୟାଳୟ ରେ ଶିକ୍ଷକ, ଅଭିଭାବକ ବୈଠକ କରିବା ଇତ୍ୟାଦି ଉପରେ ବୈଠକ ରେ ଜିଲ୍ଲାପାଳ ବିଦ୍ୟାଳୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାପାଇଁ ଅନୁରୋଧ କରିଥିଲେ । ମେଟ୍ରିକ ପରୀକ୍ଷା ସମୟରେ ସି ସି ଟିଭି, ପାନୀୟ ଜଳ, ପୋଲିସ ଫୋର୍ସ ମୁତୟନ, ଓ ଆର ଏସ, ଗ୍ଲୁକୋଜ ବ୍ୟବସ୍ଥା, ପରିସ୍ରାଗାର ପ୍ରସ୍ତୁତ ରଖିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୨୦୩୬ ସୁଦ୍ଧା...

କରାଯାଇ ଜେଲରେ ଭର୍ତ୍ତି କରାଯାଇଛି । ଏ ସରକାର ଅମଳରେ କୌଣସି ଅପରାଧୀକୁ ଅପରାଧ ଘଟାଇବା ପାଇଁ ସାମାନ୍ୟତମ ସୁଯୋଗ ଦିଆଯାଇ ନାହିଁ କି ଏଥିପାଇଁ ଲାଇସେନ୍ସ ମଧ୍ୟ ଦିଆଯାଇ ନାହିଁ । ଯେଉଁମାନେ ଅପରାଧ ଘଟାଉଛନ୍ତି ସେମାନେ ତାର ପରିଣାମ ଭୋଗିବା ପାଇଁ ଏବେଠୁ ପ୍ରସ୍ତୁତ ହୋଇଯାଆନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଚେତାଇ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ମାଓହିଂସା ଯଥେଷ୍ଟ ପରିମାଣରେ ହ୍ରାସ ପାଇଥିବା ସୂଚନା ଦେବା ସହ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଘୋଷଣା କରିଥିବା ଡେଡ୍ ଲାଇନ୍ ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ମାଓମୁକ୍ତ କରିବା ପାଇଁ ଯେଉଁ ସମୟସୀମା ଦିଆଯାଇଛି ଓଡ଼ିଶାରେ ତା' ପୂର୍ବରୁ ଏ ଦିଗରେ ସଫଳତା ହାସଲ କରାଯିବ ବୋଲି ସେ କହିଥିଲେ । ମାଓବାଦୀମାନେ ସରକାରଙ୍କ ପାଖରେ ଆତ୍ମସମର୍ପଣ କରି ମୁଖ୍ୟସ୍ରୋତରେ ସାମିଲ ହେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଅପିଲ କରିଥିଲେ । ଯେଉଁଠି ପ୍ରଶାସନକୁ ସୁଦୃଢ଼ କରିବା ସହିତ ସାଧାରଣ ଲୋକଙ୍କୁ ନ୍ୟାୟ ଦେବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ ପ୍ରତି ଥାନାରେ ଅତିରିକ୍ତ ମୋଟରସାଇକେଲ ଏବଂ ଚାରି ଚକିଆ ଯାନ ଯୋଗାଇ ଦେବା ସହିତ ପୋଲିସ୍ ବଳକୁ ଆହୁରି ସଶକ୍ତ କରିବା ପାଇଁ ପଦକ୍ଷେପ ନିଆଯାଇଛି । ଭରତପୁର ଥାନା ମାମଲାରେ ପୀଡ଼ିତା ମହିଳାଙ୍କ ପ୍ରତି ନ୍ୟାୟ ପ୍ରଦାନ ନିମନ୍ତେ ଉପମୁଖ୍ୟମନ୍ତ୍ରୀ ତାଙ୍କ ପାଖରେ ପହଞ୍ଚି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେଇଛନ୍ତି । ଅତୀତରେ ମହିଳା ହିଂସା ନେଇ ଯେତେ ମାମଲା ଘଟିଛି ସେଥିରେ ପୀଡ଼ିତାଙ୍କ ପାଖରେ ସେତେବେଳେ ସରକାରର କୌଣସି ମନ୍ତ୍ରୀ ପହଞ୍ଚି ନଥିଲେ ବୋଲି ମୁଖ୍ୟମନ୍ତ୍ରୀ କଟାକ୍ଷ କରିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯୁବସମାଜ ପାଇଁ ନିଯୁକ୍ତି, କୃଷକମାନଙ୍କ ପାଇଁ ସହାୟତା, ମହିଳା ସଶକ୍ତୀକରଣ ଏବଂ ଅବହେଳିତ ସମ୍ପ୍ରଦାୟର ଅଧିକାରର ସୁରକ୍ଷା ଉପରେ ଗୁରୁତ୍ୱ ଆରୋପ କରି ଆମ ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଆମ ସରକାରଙ୍କ ପ୍ରତିବଦ୍ଧତାକୁ ରାଜ୍ୟପାଳ ତାଙ୍କ ଅଭିଭାଷଣରେ ଅବତାରଣ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ୨୪ ବର୍ଷ ଅର୍ଥାତ ୨୯୦ ମାସର ବିଗତ ସରକାରଙ୍କ କାର୍ଯ୍ୟକାଳ ସହିତ ବିରୋଧୀଦଳ ଆଠ ମାସର କାର୍ଯ୍ୟକାଳକୁ ତୁଳନା କରାଯାଉଛି । ବିରୋଧୀ ଦଳ ଚାହୁଁଛନ୍ତି ଗତ ୨୪ ବର୍ଷରେ ଯେତିକି ବିକାଶ ହୋଇଥିଲା, ମାତ୍ର ଆଠ ମାସରେ ଆମେ ତା' ଠୁ ଅଧିକ ବିକାଶ କରି ଦେଖାଇ ଥାଆନ୍ତୁ । ଆମେ କରିଛୁ ମଧ୍ୟ । ବିଗତ ସରକାରଙ୍କ ୨୪ ବର୍ଷରେ ଓଡିଶା କେତେ ପାଇଲା, କେତେ ପାଇ ପାରିଥାନ୍ତା, ତାହା ଉପରେ ଆଲୋଚନା କଲେ, ଏକ ଲମ୍ବା ତାଲିକା ହୋଇଯିବ । ଏହି ପବିତ୍ର ଗୃହରେ ଆଗାମୀ ଦିନରେ ତାହା ଉପରେ ଆଲୋଚନା ପର୍ଯ୍ୟାଲୋଚନା ହେବ, ମୁଁ ବି ବିଭିନ୍ନ ଅବସରରେ ମୋର ମତାମତ ରଖିବି । ମୁଖ୍ୟମନ୍ତ୍ରୀ କହିଥିଲେ ଆମ ସରକାର ୨୪ ବର୍ଷ ନୁହେଁ, ବରଂ ୨୪ ମିନିଟରେ ପ୍ରଥମ କ୍ୟାବିନେଟରେ କୁଇଣ୍ଟାଲ ପିଛା ୮୦୦ ଟଙ୍କା ଇନପୁଟ ସହାୟତା ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇ କାର୍ଯ୍ୟକାରୀ କରିଛନ୍ତି । ରାଜ୍ୟର ଅଧା ଜନସଂଖ୍ୟାଙ୍କୁ ମହିଳା ସଶକ୍ତିକରଣ ନାଁ'ରେ ଭ୍ରମିତ କରି ୨୪ ବର୍ଷ ପର୍ଯ୍ୟନ୍ତ ସ୍ଲୋଗାନରେ ଚାଲିଗଲା । କିନ୍ତୁ ଆମ ସରକାର ମାତ୍ର ୨୪ ମିନିଟରେ ରାଜ୍ୟର ପ୍ରାୟ ଏକ କୋଟି ମହିଳାଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଦେବାକୁ ନିଷ୍ପତ୍ତି ଗ୍ରହଣ କରି ବର୍ତ୍ତମାନ ସୁଦ୍ଧା ୯୮ ଲକ୍ଷରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରିସାରିଛନ୍ତି । ଏହି ସୁଭଦ୍ରା ଯୋଜନା ସହାୟତା ଏବଂ କୃଷକ ସମୃଦ୍ଧି ଯୋଜନା ଯୋଗୁଁ ଓଡିଶାର ମୁଣ୍ଡପିଛା ଆୟ, ବିଶେଷ ଭାବେ ଚାଷୀ ପରିବାରଙ୍କ ମାସିକ ଆୟରେ ନିଶ୍ଚିତ ଭାବେ ବୃଦ୍ଧି ହେବ । ମୁଖ୍ୟମନ୍ତ୍ରୀ କହିଥିଲେ ଆମ ସରକାର ପାଇଁ ମହିଳା ସଶକ୍ତିକରଣ ଏକ ସ୍ଲୋଗାନ ନୁହେଁ । ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ସ୍ତରରେ ମା' ମାନଙ୍କୁ ସଶକ୍ତ କରିବା ଆମର ଗୁରୁ ଦାୟିତ୍ୱ । ଏହି ପବିତ୍ର ଗୃହର ବାଚସ୍ପତି ଏବଂ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ହେଉଛନ୍ତି ମହିଳା । ଉଭୟେ ନିଜ ନିଜ ଦାୟିତ୍ୱକୁ ଚମତ୍କାର ଭାବେ ତୁଲାଉଛନ୍ତି । ଏହା ହେଉଛି ପ୍ରକୃତ ମହିଳା ସଶକ୍ତିକରଣ । ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିଗଦର୍ଶନରେ ଲକ୍ଷପତି ଦିଦି ଯୋଜନା ଆମ ରାଜ୍ୟରେ ମଧ୍ୟ କାର୍ଯ୍ୟକାରୀ ହେଉଛି । ୨୦୨୭ ସୁଦ୍ଧା ୨୫ ଲକ୍ଷ ମହିଳାଙ୍କୁ ଲକ୍ଷପତି ଦିଦି ଭାବେ ସଶକ୍ତ କରିବାକୁ ଆମ ସରକାର ପ୍ରତିଶ୍ରୁତିବଦ୍ଧ । ରାଜନୈତିକ ସ୍ତରରେ ମହିଳାଙ୍କୁ ସଶକ୍ତ କରିବା ପାଇଁ ମାନ୍ୟବର ମୋଦୀ ଜୀଙ୍କ ଦିଗଦର୍ଶନରେ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ପାରିତ ହୋଇସାରିଛି । ଏହି ଅଧିନିୟମ ବଳରେ ୨୦୨୯ ମସିହା ଠାରୁ ସାରା ଦେଶର ମହିଳାମାନେ ସଂସଦ ଏବଂ ବିଧାନସଭାରେ ଏକ ତୃତୀୟାଂଶ ଆସନରେ ଆରକ୍ଷଣ ପାଇବେ ଏବଂ ଦେଶର ଶାସନ-ପ୍ରଶାସନରେ ମହତ୍ୱପୂର୍ଣ୍ଣ ଭୂମିକା ତୁଲାଇବେ । ଏହି ଆଠ ମାସରେ ଅପପୁଷ୍ଟି ପରି ସମସ୍ୟାକୁ ଦୂର କରିବା ପାଇଁ ମିଡ-ଡେ ମିଲରେ ମୁଣ୍ଡପିଛା ଖର୍ଚ୍ଚ ବୃଦ୍ଧି କରାଯାଇଛି । ଏହା ବ୍ୟତୀତ ଏହି ସମସ୍ୟାକୁ ସମୂଳେ ଦୂର କରିବା ପାଇଁ ଏକ ହୋଲିଷ୍ଟିକ ଆପ୍ରୋଚ୍ ନେଇ ଆମ ସରକାର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ କହିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ହେଉଛନ୍ତି ଆମ ଓଡିଆ ଜାତିର ପ୍ରାଣ ସ୍ପନ୍ଦନ, ଆମ ଓଡିଆ ଜାତିର ସ୍ୱାଭିମାନ । ହୁଏତ, ଆମ ସରକାରଙ୍କୁ ମାତ୍ର ଆଠ ମାସ ପୁରିଛି, କିନ୍ତୁ ଆମେ ପ୍ରତି ମୂହୁର୍ତ୍ତରେ ଆମ ଓଡିଆଙ୍କ ଧର୍ମୀୟ ଭାବନା, ପରମ୍ପରା, ଐତିହ୍ୟ ଓ ସଂସ୍କୃତିକୁ ମନେ ରଖି କାର୍ଯ୍ୟ କରିଆସୁଛୁ । ଇଭେଣ୍ଟ ମ୍ୟାନେଜମେଣ୍ଟ କରି ପ୍ରଭୁଙ୍କ ଛ' ଇଞ୍ଚର ପ୍ରତିମାକୁ ଗାଡିରେ ରଖି, ନେତାଙ୍କ ଛ' ଫୁଟର କଟ-ଆଉଟ ଲଗାଇ ଗାଁ ଗାଁ ଯାଇ ଚାଉଳ ଭିକ୍ଷା କରି ନ ଥିଲୁ ! ଏହା କି ପ୍ରକାର ଜଗନ୍ନାଥ ସଂସ୍କୃତି ଯେ, ଆଜି ପର୍ଯ୍ୟନ୍ତ ଓଡିଶାର ଜନ ସାଧାରଣ ବୁଝିପାରି ନାହାନ୍ତି, କିନ୍ତୁ ଏହି ପ୍ରହସନର ଉଚିତ ଜବାବ ଦେଇଛନ୍ତି । ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଯାହା ୨୪ ବର୍ଷରେ ହୋଇ ନ ଥିଲା, ୨୪ ମିନିଟରେ ଆମ ସରକାର କରି ଦେଖାଇ ଦେଲେ । ପ୍ରଥମ କ୍ୟାବିନେଟରେ ହିଁ ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ ପାଇଁ ପଦକ୍ଷେପ ନିଆ ଯାଇଥିଲା । ଶ୍ରୀମନ୍ଦିର ପରିସରରେ ପ୍ରବେଶକୁ ସୁଗମ କରିବା ପାଇଁ ୪ଟି ପବିତ୍ର ଦ୍ୱାର ଖୋଲାଯାଇଛି । ସେ ସମୟରେ କୁହାଯାଇଥିଲା, "ଯଦି ଚାରିଦ୍ୱାର ଖୋଲି ଦିଆଯାଏ, କେଜାଣି କ'ଣ ମହା ପ୍ରଳୟ ହୋଇଯିବ, ଭକ୍ତଙ୍କ ସୁନାମୀ ଆସି କ'ଣ ନାଇ କ'ଣ ହୋଇଯିବ' । କିନ୍ତୁ, ବର୍ଷର କିଛି ବିଶେଷ ଦିନ କିମ୍ବା ଯାନିଯାତ୍ରାକୁ ବାଦ୍ ଦେଇ ବର୍ତ୍ତମାନ ଭକ୍ତମାନେ ସ୍ୱଚ୍ଛନ୍ଦରେ ଶ୍ରୀ ଜୀଉଙ୍କ ଦର୍ଶନ କରୁଛନ୍ତି । ଠିକ ସେହିପରି ଭକ୍ତଙ୍କ ବିଶ୍ୱାସ ଏବଂ ଭାବନାକୁ ସମ୍ମାନ ଜଣାଇ, ସରକାର ରତ୍ନ ଭଣ୍ଡାରକୁ ପୁନଃନିର୍ମାଣ କରିବା ପାଇଁ ମଧ୍ୟ ପଦକ୍ଷେପ ନେଇଛନ୍ତି, ଯାହାକୁ ୨୪ ବର୍ଷର ସରକାର ବିରୋଧ କରି ଆସୁଥିଲେ । ଓଡିଶାବାସୀଙ୍କ ଅଧିକାର ଅଛି ଜାଣିବା ପାଇଁ ଯେ, ରତ୍ନ ଭଣ୍ଡାରରେ କ'ଣ ଏବଂ କେତେ ରତ୍ନ ଅଛି । ଗଣତି ମଣତି କାର୍ଯ୍ୟ ଶୀଘ୍ର କରାଯାଇ ଏ ବିଷୟରେ ରାଜ୍ୟବାସୀଙ୍କୁ ଅବଗତ କରାଯିବ । କେବଳ ଜଗନ୍ନାଥ ସଂସ୍କୃତି ନୁହେଁ, ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ପ୍ରଚାର ପ୍ରସାର ପାଇଁ ଆମ ସରକାର ୨୦୦ କୋଟି ଟଙ୍କାର ପ୍ରାରମ୍ଭିକ କର୍ପସ ପାଣ୍ଠି ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ପରେ ରାଜ୍ୟପାଳଙ୍କ ଅଭିଭାଷଣ ସଂକ୍ରାନ୍ତ ଧନ୍ୟବାଦ ପ୍ରସ୍ତାବ ବାଚନିକ ଭୋଟ୍‌ରେ ଗୃହୀତ ହୋଇଥିଲା ।

## ଚକା ଆଖି ...

ଥିଲା, ଲୋକଙ୍କ ପାଇଁ ତାଙ୍କ ଅଭିଭାଷଣ ହେବାର ଥିଲା, ଯାହା ରାଜନୀତି ଯୋଗୁଁ ହେଲାନି । ବିଜେପି ନିର୍ବାଚନ ପୂର୍ବରୁ ଋଷୀଙ୍କୁ ବହୁ ପ୍ରତିଶୃତି ଦେଲେ । କଟନୀ ଛଟନି ହେବନି ବୋଲି କହିଲେ । ହେଲେ ସେ ସମୟର ଓ ସରକାରକୁ ଆସିବା ପର କଥା ବହୁ ଭିନ୍ନ । ଛାତିରେ ହାତ ରଖି କହି ପାରିବେ କି କଟନୀ ଛଟନୀ ହେଉନି, ଋଷୀଙ୍କୁ ପ୍ରତାରଣା ଦିଆଯାଇଛି । ସେମାନେ ରାସ୍ତାରେ । ଆତ୍ମହତ୍ୟା କରୁଛନ୍ତି । ଅଦିନିଆ ବର୍ଷାର କ୍ଷତିପୂରଣ ମିଳିନି । ବିଜେଡି ପ୍ରକୃତ ଋଷୀଙ୍କୁ ସୁବିଧା ଦେଉଥିଲା । ହେଲେ ବିଜେପି ସରକାର ଅସଲ ଋଷୀଙ୍କ ଅଧିକାର ଛଡାଇଲା । ପ୍ରକୃତ ଋଷୀକୁ ଅବହେଳା ହେଉଛି । ଆଇନ ଶୃଙ୍ଖଳା ଭୁଶୁଡିଛି । ନାରୀ ନିର୍ଯାତନା ଶୀର୍ଷରେ । ଚୋରି ଡକାୟତି ବଢିଛି । ରାଜଧାନୀ ବି ସୁରକ୍ଷିତ ନୁହେଁ । ଡବଲ ଇଂଜିନ ସରକାରରେ ଡବଲ ଚୋରି ହେଉଛି ପୂର୍ବତନ ମନ୍ତ୍ରୀଙ୍କ ଘରୁ । ଲୋକେ ଆଶ୍ଚର୍ଯ୍ୟ ଯେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ହତ୍ୟାକାଣ୍ଡ ହେଉଛି ଭୁବନେଶ୍ୱରରେ । ଜାନୁଆରୀ ୬ ରେ ବିଜେଡି ଦରଦାମ ବୃଦ୍ଧି ନେଇ ପ୍ରତିବାଦ ର ରାଲି କରିଥିଲା । ଲୋକେ ନିଜ ଆଡୁ ଏତେ ମାତ୍ରାରେ ସାମିଲ ହେବା ସ୍ପଷ୍ଟ କରୁଛି ସେମାନେ କେତେ ଅତିଷ୍ଠ । ହେଲେ ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିବ ନାହିଁ । ଓଡ଼ିଶା ଶ୍ରେଷ୍ଠ ତିନି ରାଜ୍ୟ ଭିତରେ ଥିବା ମୋତେ ଆଘାତ ଦେଉଛି । କେନ୍ଦ୍ର ସରକାରଙ୍କ ରିପୋର୍ଟ ଅନୁସାରେ ରାଜ୍ୟ ସରକାରଙ୍କୁ ଦରବୃଦ୍ଧି କମାଇବା ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟପାଳଙ୍କ ଅଭିଭାଷଣ କେବଳ ଭାଷଣ । ଚକା ଆଖି ସବୁ ଦେଖୁଛି ବୋଲି ବିରୋଧୀ ଦଳ ନେତା ଟିପ୍ପଣୀ ରଖିଥିଲେ ।

## ୨୦୨୪-୨୫ରେ...

ଠାରୁ ଅଧିକ ରହିଛି । ଓଡ଼ିଶାରେ ମହିଳା ଶ୍ରମଶକ୍ତି ଅଂଶଗ୍ରହଣ ହାର (୧୫ ବର୍ଷରୁ ଅଧିକ) ୨୦୧୮-୧୯ରେ ୨୪.୪ ପ୍ରତିଶତ ଥିବାବେଳେ ୨୦୨୩-୨୪ରେ ଏହା ୪୯.୪ ପ୍ରତିଶତକୁ ବୃଦ୍ଧି ପାଇଛି । ଏହା ସର୍ବଭାରତୀୟ ସ୍ତର ୪୨ ପ୍ରତିଶତ ଠାରୁ ଅଧିକ । ୨୦୨୪-୨୫ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ୩.୩ ପ୍ରତିଶତ ଅଭିବୃଦ୍ଧି ରେକର୍ଡ କରାଯାଇଛି, ଯାହାର ରାଜ୍ୟ ମୋଟ ସଂଯୋଗିତ ମୂଲ୍ୟରେ ଯୋଗଦାନ ୧୯ ପ୍ରତିଶତ । ରିପୋର୍ଟରେ କୁହାଯାଇଛି ଯେ, ଓଡ଼ିଶାରେ ଖାଦ୍ୟଶସ୍ୟ ଉତ୍ପାଦନ ୨୦୧୯-୨୦ ବର୍ଷରେ ୧୧୬.୯ ଲକ୍ଷ ମେଟ୍ରିକ୍ ଟନ୍ ଥିବା ବେଳେ ୨୦୨୩-୨୪ ବର୍ଷରେ ଏହା ୧୪୩ ଲକ୍ଷ ମେଟ୍ରିକ୍ ଟନରେ ପହଞ୍ଚିଛି, ଯାହା ହାରାହାରି ଅଭିବୃଦ୍ଧି ହାର (ସିଏଜିଆର) ୫୨ ପ୍ରତିଶତକୁ ଦର୍ଶାଉଅଛି । କୁଇଣ୍ଟାଲ ପିଛା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ସହିତ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ଓଡ଼ିଶାର ଧାନ ଚାଷୀ ମାନଙ୍କୁ ଲାଭଦାୟକ ମୂଲ୍ୟ ପ୍ରଦାନ କରିବା ସହିତ ଆୟ ବୃଦ୍ଧି କରିବ ଯାହା ସେମାନଙ୍କୁ ଉଚ୍ଚ ଉତ୍ପାଦନ ସ୍ତର ପାଇଁ ଉତ୍ସାହିତ କରିବ । ମୋଟ ଧାନ ଉତ୍ପାଦନରେ ଓଡ଼ିଶା ୮ ପ୍ରତିଶତ ଅଂଶ ସହ ଦେଶର ପଞ୍ଚମ ବୃହତ୍ତମ ଧାନ ଉତ୍ପାଦନକାରୀ ରାଜ୍ୟ । ଧାନ ଉତ୍ପାଦନ ୨୦୧୯-୨୦ରେ ୯୭.୬ ଲକ୍ଷ ମେଟ୍ରିକ୍ ଟନ୍ ଥିବାବେଳେ ୨୦୨୩-୨୪ରେ ଏହା ୧୧୫.୪ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି । କପା, ମକା, ପନିପରିବା, ମସଲା ଆଦି ଅର୍ଥକାରୀ ଫସଲ ଚାଷ ବୃଦ୍ଧି ପାଇବା ଫଳରେ ଓଡ଼ିଶାରେ ଫସଲ ବିବିଧତା ବୃଦ୍ଧି ପାଉଛି, ଯାହା କୃଷକଙ୍କ ଆୟ ବୃଦ୍ଧି କରିବ । ଓଡ଼ିଶାର ପନିପରିବା ଉତ୍ପାଦନ ୨୦୧୯-୨୦ରେ ୯୭.୩୪ ଲକ୍ଷ ମେଟ୍ରିକ୍ ଟନ୍ ଥିବାବେଳେ ୨୦୨୩-୨୪ରେ ଏହା ୧୦୯.୩ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇ ୩ ପ୍ରତିଶତ ଅଭିବୃଦ୍ଧି ହାର (ସିଏଜିଆର) ହାସଲ କରିଛି । ଏହି ରାଜ୍ୟ ଭାରତର ସପ୍ତମ ବୃହତ୍ତମ ପନିପରିବା ଉତ୍ପାଦନକାରୀ ରାଜ୍ୟ, ଯାହା ଜାତୀୟ ଉତ୍ପାଦନରେ ୫.୨ ପ୍ରତିଶତ ଯୋଗଦାନ ଦେଇଥାଏ । କୃଷକଙ୍କ ଆୟ ବୃଦ୍ଧି ଏବଂ ଖାଇବା ତେଲର ବଢୁଥିବା ଚାହିଦାକୁ ପୂରଣ କରିବା ପାଇଁ ରାଜ୍ୟ ସରକାର ଅଏଲ ପାମ ଚାଷକୁ ପ୍ରୋତ୍ସାହିତ କରୁଛନ୍ତି । ୨୦୧୯-୨୦ରେ ତୈଳ ପାମ କ୍ଷେତ୍ର ୬.୭ ହଜାର ହେକ୍ଟର ଥିବାବେଳେ ୨୦୨୩-୨୪ରେ ଏହା ୮.୮ ହଜାର ହେକ୍ଟରକୁ ବୃଦ୍ଧି ପାଇଛି, ଯାହାର ବାର୍ଷିକ ଅଭିବୃଦ୍ଧି ହାର ୭.୧ ପ୍ରତିଶତ । ୨୦୨୪-୨୫ରେ ୬୫୦୦ ହେକ୍ଟର ଓ ୨୦୨୫-୨୬ରେ ୯୦ ହେକ୍ଟର ଜମିରେ ଅଏଲ ପାମ ଚାଷ କରିବାକୁ ରାଜ୍ୟ ସରକାର ଯୋଜନା ରଖିଛନ୍ତି । ଏହାବ୍ୟତୀତ ରାଜ୍ୟ ସରକାର ତୈଳ ପ୍ରକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠାକୁ ପ୍ରୋତ୍ସାହନ ଦେଉଛନ୍ତି ଯାହା ନିଯୁକ୍ତି ସୃଷ୍ଟି କରିବା ସହିତ ଅଭିବୃଦ୍ଧି ଆଣିବ । ଉଭୟ ଖରିଫ ଓ ରବି ଋତୁରେ ରାଜ୍ୟରେ ଜଳସେଚନ ଭିତ୍ତିଭୂମିରେ ଉନ୍ନତି ଘଟିଛି । ଖରିଫ ଋତୁରେ ଜଳସେଚନ କ୍ଷେତ୍ର ୨୦୧୯-୨୦ରେ ୪୩.୧ ଲକ୍ଷ ହେକ୍ଟର ଥିବାବେଳେ ୨୦୨୩-୨୪ରେ ଏହା ୩.୮ ପ୍ରତିଶତ ବୃଦ୍ଧି ପାଇ ୪୯.୯ ଲକ୍ଷ ହେକ୍ଟରରେ ପହଞ୍ଚିଛି । ରିପୋର୍ଟରେ କୁହାଯାଇଛି ଯେ, ରାଜ୍ୟ ଅର୍ଥନୀତିରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଯୋଗଦାନ ପ୍ରାୟ ୧୯ ପ୍ରତିଶତ ଓ ଏହାର ଅଭିବୃଦ୍ଧି ହାର ୩.୩ ପ୍ରତିଶତ । ଯାହା ସର୍ବଭାରତୀୟ ସ୍ତରର ଅଭିବୃଦ୍ଧି ସହ ପ୍ରାୟତଃ ସମାନ । ଅପର ପକ୍ଷରେ ରାଜ୍ୟ ଅର୍ଥନୀତିରେ ଶିଳ୍ପ କ୍ଷେତ୍ରର ଯୋଗଦାନ ୪୪ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୬.୧ ପ୍ରତିଶତ ଯାହାକି ସର୍ବଭାରତୀୟ ସ୍ତର ସହିତ ପ୍ରାୟ ସମାନ । ରାଜ୍ୟରେ ସେବାକ୍ଷେତ୍ରର ଯୋଗଦାନ ପ୍ରାୟ ୩୭ ପ୍ରତିଶତ ଏବଂ ଏହାର ୧୦ ପ୍ରତିଶତ ହାରରେ ଅଭିବୃଦ୍ଧି ଘଟିବ ବୋଲି ଆକଳନ କରାଯାଇଛି । ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ଦ୍ରୁତ ଅଭିବୃଦ୍ଧି, ବାଣିଜ୍ୟ ଏବଂ ମରାମତି ସେବା କ୍ଷେତ୍ରର ଦୁଇଅଙ୍କ ବିଶିଷ୍ଟ ଅଭିବୃଦ୍ଧି ଏହାର ପ୍ରମୁଖ ଯୋଗଦାନକାରୀ । ସାଧାରଣତଃ ବିଶ୍ୱସ୍ତରରେ ବିକଶିତ ଅର୍ଥନୀତି ଗୁଡିକରେ ସେବା କ୍ଷେତ୍ରର ବୃହତ ଅଂଶ ଯୋଗଦାନ ରହିଥାଏ । ଉଦାହରଣ ସ୍ୱରୂପ ୨୦୨୧ ରେ ଆମେରିକାର ମୋଟ ସଂଯୋଗିତ ମୂଲ୍ୟରେ ସେବା କ୍ଷେତ୍ରର ଅଂଶ ୭୭.୬ ପ୍ରତିଶତ ଥିଲା । ସେବା କ୍ଷେତ୍ରରେ ଅଧିକ ଅଭିବୃଦ୍ଧି ଭବିଷ୍ୟତର ଅର୍ଥନୀତି ପାଇଁ ଏକ ଶୁଭ ସଙ୍କେତ ଅଟେ । ଆଗାମୀ ଦିନରେ ରାଜ୍ୟ ଏକ ଦ୍ରୁତ ଅଭିବୃଦ୍ଧି ପାଇଁ ପ୍ରସ୍ତୁତ । ଅଭିବୃଦ୍ଧିର ପ୍ରମୁଖ ସହାୟକ ଯଥା; ଜମି, ଶ୍ରମ, ପୁଞ୍ଜି, ସମ୍ବଳ ଏବଂ ଗିରିଭୂମି । ୨୦୨୩ ମସିହାରେ ୧.୫ ଲକ୍ଷ ବର୍ଗ କିଲୋମିଟର ମୋଟ ଭୌଗୋଳିକ କ୍ଷେତ୍ରର ପ୍ରାୟ ୪.୩ ପ୍ରତିଶତ ନିର୍ମିତ କ୍ଷେତ୍ର ଥିଲା । ସମ୍ଭାବ୍ୟ ନିବେଶକଙ୍କ ପାଇଁ ରାଜ୍ୟ ପର୍ଯ୍ୟାପ୍ତ ଜମି ପ୍ରଦାନ କରୁଛି । ଗତ ୬ ବର୍ଷରେ ଶ୍ରମଶକ୍ତିର ଆକାର ୫୩ ପ୍ରତିଶତ ବୃଦ୍ଧି ପାଇ ଏବେ ପ୍ରାୟ ୨.୨୨ କୋଟିରେ ପହଞ୍ଚି ଥିବା ରିପୋର୍ଟରେ ଦର୍ଶାଯାଇଛି ।

## ବିରୋଧୀଙ୍କ ହଟ୍ଟଗୋଳ...

ପ୍ରଶ୍ନୋତ୍ତରରେ ଭାଗ ନେବା ଏବଂ ଗୃହ କାର୍ଯ୍ୟରେ ସହଯୋଗ କରିବା ପାଇଁ ନିବେଦନ କରିଥିଲେ । ହେଲେ ବିଜେଡ଼ି ବିଧାୟକମାନେ ସେଥିପ୍ରତି କର୍ଣ୍ଣପାତ ନକରି ନାରାବାଜି ଜୋରଦାର କରିଥିଲେ । ଅନ୍ୟପକ୍ଷରେ ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ଏକ ପ୍ରଶ୍ନର ଉତ୍ତର ଦେବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଡାକିଥିଲେ । ତେବେ ସେ ଉତ୍ତର ଦେଉଥିବା ବେଳେ ହଟ୍ଟଗୋଳ ଜୋର ଧରିବାରୁ ବାଚସ୍ପତି ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ଏଥିଯୋଗୁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇପାରିନଥିଲା ।

## ୫ ବର୍ଷ ମଧ୍ୟରେ ...

ସ୍ତରରେ ଗ୍ରାମୀଣ ସ୍ଥାନୀୟ ସଂସ୍ଥାଗୁଡିକୁ ସଶକ୍ତ କରିବା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ସେ କହିଥିଲେ ଯେ, ଉତ୍ତରପ୍ରଦେଶରେ ପଞ୍ଚାୟତସ୍ତରରେ ସ୍ଥାନୀୟ ସଂସ୍ଥାମାନଙ୍କ ଦ୍ୱାରା ହୋଇଥିବା ଉଲ୍ଲେଖନୀୟ କାର୍ଯ୍ୟକ୍ରମ ଫଳରେ ଏହି ରାଜ୍ୟ ୧୫ତମ ସ୍ଥାନରୁ ୫ମ ସ୍ଥାନକୁ ଉନ୍ନିତ ହେବା ସବୁଠାରୁ ଉଲ୍ଲେଖଯୋଗ୍ୟ ବିଷୟ । ଏହା ପ୍ରକୃତରେ ଗର୍ବର ବିଷୟ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ ଏବଂ ପଞ୍ଚାୟତ ସ୍ତରରେ ସ୍ଥାନୀୟ ସଂସ୍ଥାଗୁଡିକୁ ଆବଣ୍ଟିତ ହେଉଥିବା ପାଣ୍ଠିର ଉପଯୁକ୍ତ ବିନିଯୋଗ ଏବଂ ତାଦାରଖ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ପଞ୍ଚାୟତର ବିବର୍ତ୍ତନର ସ୍ଥିତି ସମ୍ପର୍କିତ ସୂଚକାଙ୍କରେ ଦେଶର ୧୦ଟି ରାଜ୍ୟ ଉପରେ ରହିଛନ୍ତି । ସେଗୁଡିକ ମଧ୍ୟରେ କର୍ଣ୍ଣାଟକ, କେରଳ, ତାମିଲନାଡୁ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଗୁଜୁରାଟ, ତ୍ରିପୁରା, ରାଜସ୍ଥାନ, ପଶ୍ଚିମବଙ୍ଗ ଓ ଛତିଶଗଡ ଅନ୍ତର୍ଭୁକ୍ତ । ତେବେ ଏହି ସୂଚକାଙ୍କରେ ୫୦ରୁ ୫୫ ସ୍ଥାନ ମଧ୍ୟରେ ଆନ୍ଧ୍ରପ୍ରଦେଶ, ହିମାଚଳପ୍ରଦେଶ, ମଧ୍ୟ ପ୍ରଦେଶ ଓ ଓଡ଼ିଶା ରହିଛନ୍ତି ।

## ମାର୍ଚ୍ଚ ୩୧ ...

କିଛି ସ୍ଥାନରେ ନେଟୱାର୍କ ସମସ୍ୟା ପାଇଁ ଲୋକେ ଇ-କେୱାଇସି କରିପାରିନାହାନ୍ତି । ୧୧୧ ସ୍ଥାନରେ ସ୍ଲୋ ନେଟୱାର୍କ ଏବଂ ୨୩୦ ସ୍ଥାନରେ ନେଟୱାର୍କ ନଥିବା କାରଣରୁ ଲୋକେ ଇ-କେୱାଇସି ଅପଡେଟ କରିପାରିନାହାନ୍ତି । ମୋଟ ୩୪୧ ସେଣ୍ଟରରେ ନେଟୱାର୍କ ନଥିବା କାରଣରୁ ଇକେୱାଇସି କରିବାରୁ ବଞ୍ଚିତ ହୋଇଛନ୍ତି । ଏହି ତଥ୍ୟ ସାମ୍ନାକୁ ଆସିବା ପରେ ସରକାର ଅବଧି ବଢାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ୬ ବର୍ଷରେ...

ବାଲ୍ୟବିବାହ ଘଟଣା ନାଇଜର, ଗୁଏନା, ବାଂଲାଦେଶ ଓ କେନ୍ଦ୍ରୀୟ ଆଫ୍ରିକୀୟ ଗଣତନ୍ତ୍ରରେ ୬୦%ରୁ ଅଧିକ ୨୦୦୩-୨୦୦୯ର ସର୍ଭେ ଅନୁସାରେ ବାଂଲାଦେଶ, ଇଥିଓପିଆ ଓ ନାଇଜରରେ ୨୦%ରୁ ଅଧିକ ବାଲ୍ୟବିବାହ ୧୫ବର୍ଷ ବୟସ ପୂର୍ବରୁ ହେଉଛି । ସମାଜର ସ୍ୱୀକୃତି ଭିତରେ ୨ ଆତ୍ମା, ୨ ପରିବାରର ମିଳନକୁ ବିବାହ କୁହାଯାଏ । ଉଭୟ ବର ଓ କନ୍ୟା ପରିପକ୍ୱତାର ସିଡ଼ି ଚଢି ଏକ ନିର୍ଦ୍ଦିଷ୍ଟ ବୟସରେ ଉପନିତ ହେଲେ ପରିବାର ବିବାହ କରିବା ପାଇଁ ଆତୁର ଥାଆନ୍ତି । କିନ୍ତୁ ବୟସ ଯଦି ବିବାହ ଉପଯୋଗୀ ନ ହୁଏ ତାକୁ ଆମେ ବାଲ୍ୟବିବାହ ବୋଲି କହୁ । କେବେ ପ୍ରଥା ଭଳି ସମାଜରେ ମାଡ଼ିଥିବା ବାଲ୍ୟବିବାହ ଆଜିର ଆଧୁନିକ ସମୟରେ ସେତେଟା ପ୍ରଭାବ ବିସ୍ତାର କରିପାରୁନଥିଲେ ହେଁ ଆଜି ବି କିଛି ଏମିତି ସ୍ଥାନ ରହିଛି ଯେଉଁଠି ବାଲ୍ୟବିବାହକୁ ସବୁଜ ସଂକେତ ମିଳୁଛି । କିଛି ସ୍ଥାନରେ ଏବେ ବି ବାଲ୍ୟବିବାହ ହେଉଛି କିଛି ଘଟଣା ଉପରେ ପ୍ରଶାସନର ନଜର ପଡୁଛି ।

## ଗ୍ରୀଷ୍ମ ପ୍ରବାହ...

ପକେଟରେ ପାଣି ଟ୍ୟାଙ୍କର ନିୟୋଜିତ କରାଯିବା ଉଚିତ । ଆବଶ୍ୟକ ହେଲେ ଅତିରିକ୍ତ ସଂଖ୍ୟକ ଟ୍ୟାଙ୍କର ନିଯୁକ୍ତି ଭିତ୍ତିରେ ବ୍ୟବସ୍ଥା କରାଯାଇପାରେ । ସମସ୍ତ ନଳକୂପ / ହାତପମ୍ପଗୁଡ଼ିକୁ କାର୍ଯ୍ୟକ୍ଷମ ଅବସ୍ଥାରେ ରଖିବାକୁ ପଡିବ ଏବଂ ହାତପମ୍ପ / ନଳକୂପଗୁଡ଼ିକର ମରାମତି ପାଇଁ ସ୍ପେୟାର ପାର୍ଟସ୍ ପ୍ରସ୍ତୁତ ରଖିବାକୁ ପଡିବ । ନିୟନ୍ତ୍ରଣ କକ୍ଷଗୁଡ଼ିକ ଯଥାରୀତି ଖୋଲାଯିବା ଉଚିତ ଏବଂ ଜଳ ଅଭାବ ସମ୍ପର୍କରେ ପ୍ରାପ୍ତ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ଦାୟୀ ଅଧିକାରୀମାନଙ୍କ ଦ୍ୱାରା ପରିଚାଳିତ ହେବା ଉଚିତ । ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଜାରି ହୋଇଥିବା ଗରମ ଲହରୀ ସତର୍କତାକୁ ନିୟମିତ ଭାବରେ ଟ୍ରାକ୍ କରାଯିବା ଉଚିତ ଏବଂ ଆବଶ୍ୟକ ହେଲେ, ଏପରି ସୂଚନା ପାଇଁ ଭାରତୀୟ ପାଣିପାଗ ବିଭାଗ / ରାଜ୍ୟ ନିୟନ୍ତ୍ରଣ କକ୍ଷ ସହିତ ଯୋଗାଯୋଗ କରାଯାଇପାରିବ । ପୌରାଞ୍ଚଳ ଗୁଡ଼ିକ ସ୍ୱେଚ୍ଛାସେବୀ ସଂଗଠନ ଗୁଡିକ ମାଧ୍ୟମରେ ରାସ୍ତା କଡ଼, ଛକ, ସରକାରୀ କାର୍ଯ୍ୟାଳୟ, ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନ, ବଜାର ଇତ୍ୟାଦି ରଣନୈତିକ ସ୍ଥାନରେ ଅଧିକ ଜଳ କିଓସ୍କ - ପାଣି ଜଳ ବିତରଣ କେନ୍ଦ୍ର ଅର୍ଥାତ୍ ପାନୀୟ ଜଳ ବଣ୍ଟନ କେନ୍ଦ୍ର ଖୋଲିବା ଆରମ୍ଭ କରିବା ଉଚିତ । ଏପରି ଜଳ କିଓସ୍କରେ ଯୋଗାଇ ଦିଆଯାଇଥିବା ପାଣି ପୋର୍ଟେବଲ୍ ଗୁଣବତ୍ତାର ହେବା ଉଚିତ ଏବଂ ଲମ୍ବା ହ୍ୟାଣ୍ଡେଲ୍ ଡିସପେନ୍ସର ବ୍ୟବହାର ଏବଂ ପ୍ରତିଦିନ ପାଣି ପରିବର୍ତ୍ତନ ସହିତ ଉପଯୁକ୍ତ ପରିମଳ ବ୍ୟବସ୍ଥା ବଜାୟ ରଖିବା ଉଚିତ । କେବଳ ଆତ୍ମପ୍ରଚାର ପାଇଁ ଏପରି କାମ କରୁଥିବା ଏବଂ ପ୍ରାରମ୍ଭିକ ଦିନ ପରେ ଏହାକୁ ବନ୍ଦ କରୁଥିବା ସଂସ୍ଥାଗୁଡ଼ିକୁ ଏଡ଼ାଇ ଦିଆଯିବା ଉଚିତ ଏବଂ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ।

# 'ପୂରବୀକୁ ନେଇ ଯେତେ ସବୁ ପ୍ରେମ କବିତା' ଉନ୍ମୋଚିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୧୪ ତାରିଖ ସଂଧ୍ୟାରେ ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ପକ୍ଷୀଘର ପ୍ରକାଶନୀ ପକ୍ଷରୁ ପ୍ରକାଶିତ କବି ଓ ପ୍ରଶାସକ ରଂଜନ କୁମାର ଦାସଙ୍କ କବିତା ପୁସ୍ତକ 'ପୂରବୀକୁ ନେଇ ଯେତେ ସବୁ ପ୍ରେମ କବିତା' ଉନ୍ମୋଚିତ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ଫନୀ ମହାନ୍ତି ଯୋଗଦେଇ କହିଲେ, ପ୍ରେମ ଏକ ଅଦେଖା ଆକର୍ଷଣ । ପ୍ରତିଟି ମଣିଷ ମନରେ ପ୍ରେମ କେବେ ନା କେବେ ହୋଇଥାଏ । ପ୍ରେମ ବିନା ଜୀବନ ନିରର୍ଥକ । ରଂଜନ ଦାସଙ୍କ ପୂରବୀ ଶରୀରରେ ଥାଉ ବା ନଥାଉ, କିନ୍ତୁ ତାର ଅନୁପସ୍ଥିତି ବି ତା'ର ଉପସ୍ଥିତି ଜାହିର କରୁଛି । ତାଙ୍କର ପ୍ରତିଟି କବିତାରେ ପୂରବୀ ପାଠକଙ୍କୁ ନିଜ ଅସ୍ତିତ୍ୱ ବିଷୟରେ ବଖାଣ କରୁଛି । ପାଠକ ତାକୁ ଅନୁଭବ କରିପାରୁଛନ୍ତି । ତାଙ୍କର କବିତା ସରଳ, ତରଳ ଏବଂ ବୋଧଗମ୍ୟ ହୋଇଥିବା ହେତୁ ତାହା ସବୁ ବର୍ଗର ପାଠକଙ୍କୁ ଆକର୍ଷିତ କରୁଛି । ବିଶିଷ୍ଟ ଅତିଥି ଭାବେ ଲେଖକ ଦାଶ ବେନହୁର କହିଲେ, ପ୍ରତ୍ୟେକଙ୍କ ଜୀବନରେ ପୁରବୀ ଟିଏ ନିଶ୍ଚୟ ଆସିଥିବ । ବିନା ପ୍ରେମରେ କବିତା ଲେଖି ହୁଏ ନାହିଁ । ରଞ୍ଜନ ଦାସ ପ୍ରଶାସକ ହେଲେ ମଧ୍ୟ ସର୍ଜନା କ୍ଷେତ୍ରରେ ସେ ଯଥେଷ୍ଟ ଆଗୁଆ । ଅନେକ ପୁସ୍ତକ ତାଙ୍କର ପ୍ରକାଶିତ ହୋଇ ପାଠକଙ୍କୁ ଆକର୍ଷିତ କରିପାରିଛି । ବିଭିନ୍ନ ସମୟରେ ପୂରବୀକୁ ନେଇ ଲେଖିଥିବା କବିତା ସବୁକୁ ସଂକଳନ ଆକାରରେ ପ୍ରକାଶ କରିଥିବାରୁ ସେ ପ୍ରକାଶକ ବନୋଜ ତ୍ରିପାଠୀଙ୍କୁ ଧନ୍ୟବାଦ ଜଣାଇଥିଲେ । କବିଟିଏ ପ୍ରେମକୁ ଜୀବନ ଦେଇପାରେ ଏବଂ ପ୍ରେମ କବିତାକୁ ଜୀବନ ଦେଇପାରେ ବୋଲି ନିଜ ଲେଖକୀୟ ବକ୍ତବ୍ୟରେ ରଂଜନ ଦାସ କହିଥିଲେ । ଏହି ଉତ୍ସବରେ ରଞ୍ଜନ ଦାସଙ୍କ ପୁସ୍ତକ କେବଳ ଉନ୍ମୋଚନ ହୋଇନଥିଲା ବରଂ ତାହାର ଏକ ଦୃଶ୍ୟ ଶ୍ରାବ୍ୟର ଭିଜୁଆଲ ଉପସ୍ଥାପନ କରାଯାଇଥିଲା ଯାହାକୁ ଉପସ୍ଥାପନ କରିଥିଲେ ଦିନେଶ ଦାସ ଏବଂ ଡ. ପୁଷ୍ପଲତା ରଥ । ଏହି ସମୁଦାୟ କାର୍ଯ୍ୟକ୍ରମକୁ ପକ୍ଷୀଘର ମୁଖ୍ୟ ବନୋଜ ତ୍ରିପାଠୀ ପରିଚାଳନା କରିଥିଲେ । ଡ.ପୁଷ୍ପଲତା ରଥ ଧନ୍ୟବାଦ ଦେଇଥିଲେ ।

# କଂଗ୍ରେସ ଭବନରେ ମୁଣ୍ଡିଆ ମାରି ଫେରିଲେ ସୁର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଖିରେ ଆଖିଏ ଲୁହ, ଛାତିରେ ପୁଳାଏ କୋହ... କଂଗ୍ରେସ ଭବନ ଦୁଆର ମୁହଁରେ ମୁଣ୍ଡିଆ ମାରି ଭିତରକୁ ଆସିଲେ ସୁର । ହଟିଲା ନିଲମ୍ବନ ନିର୍ଦ୍ଦେଶ, ଦୀର୍ଘ ୯ ମାସ ପରେ ଘର ବାହୁଡ଼ିଲେ କଂଗ୍ରେସର ଟାଣୁଆ ନେତା ସୁର ରାଉତରାୟ । ଘର ବାହୁଡ଼ା ବେଳେ ସୁରଙ୍କ ବଡ଼ ପୁଅ ସିଦ୍ଧାର୍ଥ ରାଉତରାୟ ଉପସ୍ଥିତ ଥିଲେ । ଦଳକୁ ପ୍ରତ୍ୟାବର୍ତ୍ତନ ପରେ ସୁର ରାଉତରାୟ କଂଗ୍ରେସ ଅଧ୍ୟକ୍ଷ, ପିସିସି ସଭାପତି ଏବଂ ଯୁବ କଂଗ୍ରେସକୁ ଧନ୍ୟବାଦ ଜଣାଇଛନ୍ତି । ଏନେଇ ସୁର କହିଛନ୍ତି ଯେ, '୯ ମାସ ବହୁତ ଯନ୍ତ୍ରଣାରେ ଥିଲି । କିଛି କୁଚକ୍ରୀ ମୋତେ ଷଡ଼ଯନ୍ତ୍ର କରି ନିଲମ୍ବନ କରିଥିଲେ । ଆଜି ମୋ ମନ୍ଦିରକୁ ମୁଁ ଫେରିଲି, ବହୁତ ଖୁସି । ଆଉ କନ୍ଦଳ ରହିବନି, ମିଳିମିଶି ସଙ୍ଗଠନ ପାଇଁ କାମ କରିବୁ ।' ଗତ ନିର୍ବାଚନ ବେଳେ ଦଳ ବିରୋଧୀ କାର୍ଯ୍ୟ ପାଇଁ ସୁର ରାଉତରାୟଙ୍କୁ ୬ ବର୍ଷ ପାଇଁ ବହିଷ୍କାର କରିଥିଲା ଦଳ । ପୁଅ ମନ୍ମଥ ରାଉତରାୟ ବିଜେଡିରୁ ଟିକେଟ ପାଇ ଭୁବନେଶ୍ୱରରେ ନିର୍ବାଚନ ଲଢୁଥିବା ସମୟରେ ନିଜ ପୁଅ ପାଇଁ ପ୍ରଚାର କରୁଥିଲେ ସୁର । ଫଳ ସ୍ୱରୂପ ସୁରଙ୍କୁ ଦଳରୁ ବହିଷ୍କାର କରିଥିଲା କଂଗ୍ରେସ । ତେବେ ଶୁକ୍ରବାର ନିଲମ୍ବିତ କିମ୍ବା ବହିଷ୍କୃତ ନେତାଙ୍କ ଉପରୁ ନିଲମ୍ବନ ନିର୍ଦ୍ଦେଶ ହଟାଇଥିଲେ ନୂଆ ପିସିସି ସଭାପତି ଭକ୍ତଚରଣ ଦାସ । ସୁରଙ୍କ ଉପରୁ ମଧ୍ୟ ହଟିଥିଲା ନିଲମ୍ବନ ନର୍ଦ୍ଦେଶ । ଏହାପରେ ଆଜି ବିରାଟ ପଟୁଆରରେ ଆସି ପୁଣି ଦଳରେ ସାମିଲ ହୋଇଛନ୍ତି ସୁର ରାଉତରାୟ । ତେବେ ସୁର ଜଟଣୀରୁ ୬ ଥର ବିଧାୟକ ହୋଇଥିବା ବେଳେ କଂଗ୍ରେସ ସରକାର ସମୟରେ ମନ୍ତ୍ରୀ ପଦ ମଧ୍ୟ ତୁଲାଇଛନ୍ତି ।

# ଓ.ପି ଜିନ୍ଦଲ ସ୍କୁଲକୁ ମିଳିଲା 'ଶିକ୍ଷା ଉତ୍କର୍ଷତା ପୁରସ୍କାର'-୨୦୨୫




**ଅନୁଗୁଳ, ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଏବଂ ଅନ୍ତର୍ଭୁକ୍ତ ଶିକ୍ଷା ଦିଗରେ ପଦକ୍ଷେପ ପାଇଁ ଅନୁଗୁଳରେ ଅବସ୍ଥିତ ଓ.ପି ଜିନ୍ଦଲ ସ୍କୁଲକୁ ଏଜୁକେସନ ଏକ୍ସେଲେନ୍ସ ଏୱାର୍ଡିଂ ଇଣ୍ଡିଆ ଆୱାର୍ଡ (ଶିକ୍ଷା ଉତ୍କର୍ଷତା ସଶକ୍ତିକରଣ ଭାରତ ପୁରସ୍କାର)ରେ ପୁରସ୍କୃତ କରାଯାଇଛି । ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ଭବ୍ୟ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ପ୍ରଖ୍ୟାତ ଶିକ୍ଷାବିତଙ୍କ ଏକ ବିଶିଷ୍ଟ ପ୍ୟାନେଲଙ୍କ ଉପସ୍ଥିତିରେ ଓ.ପି ଜିନ୍ଦଲ ସ୍କୁଲର ଅଧ୍ୟକ୍ଷ ଡକ୍ଟର ଅଶ୍ୱିନୀ କୁମାର ସାହୁଙ୍କୁ ଭାରତ ସରକାରଙ୍କ ମାନ୍ୟବର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର ଏହି ବିଜେତା ଟ୍ରଫି ପ୍ରଦାନ କରିଥିଲେ । ଦେଶର ଶ୍ରେଷ୍ଠ ବିଦ୍ୟାଳୟଗୁଡ଼ିକ ମଧ୍ୟରେ ଏକ କଠୋର ମୂଲ୍ୟାଙ୍କନ ପ୍ରକ୍ରିୟା ପରେ ଏହି ସ୍ୱୀକୃତି ପ୍ରଦାନ କରାଯାଇଥିଲା । ଗୁଣାତ୍ମକ ଶିକ୍ଷାର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦିଲ୍ଲୀର ଆରୁକୁକ୍ ମିଡ଼ିଆ ପକ୍ଷରୁ ଏହି ପୁରସ୍କର ପ୍ରଦାନ କରାଯାଇଥିଲା । ପୁରସ୍କାର ଗ୍ରହଣ କରିବା ପରେ ସ୍କୁଲ ପରିଚାଳନା ଦାୟୀତ୍ୱରେ ଥିବା କର୍ତ୍ତୃପକ୍ଷ, ଅନୁଷ୍ଠାନର ପୃଷ୍ଠପୋଷକ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଓ ଶ୍ରୀମତି ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ପରିଚାଳିତ ଜେଏସପିର ସମାଜିକ ଶାଖା ଜିନ୍ଦଲ ଫାଉଣ୍ଡେସନ ଏବଂ ସ୍ଥାନୀୟ ସମ୍ପ୍ରଦାୟଙ୍କୁ କୃତଜ୍ଞତା ଜଣାଇଥିଲେ ସ୍କୁଲର ଅଧ୍ୟକ୍ଷ ଡକ୍ଟର ଅଶ୍ୱିନୀ କୁମାର ସାହୁ । ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାରେ ଏହି ସମସ୍ତଙ୍କ ସମର୍ଥନ ଆମକୁ ଉତ୍ସାହିତ କରି ଆସୁଛି ବୋଲି ସେ କହିଥିଲେ । ଏହି ସଫଳତା ସହ ଅନୁଗୁଳର ଓ.ପି ଜିନ୍ଦଲ ସ୍କୁଲ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ନିଜର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି ।

# କଟକରେ ଚାଞ୍ଚଲ୍ୟ: ଦିନ ଦ୍ୱିପ୍ରହରରେ ମହିଳାଙ୍କ ଗଳାକାଟି ହତ୍ୟା କଲେ ପଡ଼ୋଶୀ

**କଟକ, ନ୍ୟୁଜ ବ୍ୟୁରୋ**

କଟକରେ ଚାଞ୍ଚଲ୍ୟ । ଦିନ ଦ୍ୱିପ୍ରହରରେ ମହିଳାଙ୍କୁ କଟୁରୀରେ ହାଣି ବିଭତ୍ସ ହତ୍ୟା କରାଯାଇଛି । କଟକ ପୋତାପୋଖୋରୀ ଅଞ୍ଚଳରେ ଘଟିଛି ଏହି ହତ୍ୟାକାଣ୍ଡ । ପାଣି ଟାଙ୍କି ନିକଟରେ ଥିବା ବସ୍ତି ଭିତରେ ମହିଳାଙ୍କୁ କଟୁରୀରେ ହାଣି ହତ୍ୟା କରିଛନ୍ତି ତାଙ୍କ ପଡୋଶୀ । ଘଟଣାସ୍ଥଳରେ ସିଆରଆରଆଇ ଥାନା ପୋଲିସ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି । ସୂଚନା ଅନୁସାରେ, କଟକ ଗାନ୍ଧିପଲ୍ଲୀ କୃଷ୍ଣଶ୍ରମ ସରକାରୀ କ୍ୱାଟରରେ ରହୁଥିବା ପ୍ରିୟତମା ଦଳାଇଙ୍କୁ ହତ୍ୟା କଲେ ତାଙ୍କ ପଡୋଶୀ ସନ୍ତୋଷ ସିଂହା । ସନ୍ତୋଷକୁ ଅଟକାଇବାକୁ ଯାଇ ତାଙ୍କ ମା' ବିଜୁଳି ରାଣି ସିଂହ ଆହତ ହୋଇ ଏସସିବିରେ ଚିକିତ୍ସିତ ହେଉଛନ୍ତି ।

i-489

ଓଡିଶା ସରକାର
GOVERNMENT OF ODISHA
OFFICE OF THE PANCHAYAT SAMITI,AGALPUR,
AT: DUDUKA, DIST. BALANGIR
"e"-Procurement Notice
Bid Identification No-PS-AGLP-03 OF 2024-25.
E-mail ID:ori-agalpur@nic.in
Letter No. 476 / Date 12.02.2025./

| | | | |
|---|---|---|---|
| 1. | The Block Development Officer, Agalpur on behalf of Governor of Odisha inviting percentage rate bid in single cover system on ON-LINE mode from eligible contractors with valid licenses for execution of **Building and Electrical works** as detailed in DTCN. | | |
| 2. | Nature of Works | :- | Building and Electrical works |
| 3. | No. of works. | :- | 01 (One ) Nos |
| 4. | Tender Cost | :- | Rs 6,000/- |
| 5. | Class of Contractor | :- | D & C Contractor |
| 6. | Availability of bid document in the website | :- | From 10:00 A.M. Date-:17.02.2025 to 05:00 P.M Date-25.02.2025 |
| 7. | Date of opening of Bid | :- | 11:00A.M. On Dt 03.03.2025 |
| 8. | The bidders have to participate in ON-LINE bidding only. Further details can be seen from the website (https://tendersodisha.gov.in). Any addendum /corrigendum / cancellation of tender can also be seen in the said website only. | | |

Block Development Officer,
Agalpur(Duduka)
OIPR-19300/11/0005/2425

n-226

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

DISTRICT PROJECT OFFICE, SAMAGRA SIKSHA, JHARSUGUDA
No. 342/PDG/25 dtd 14.2.25
NOTICE INVITING TENDER (NIT)

Sealed tenders are invited from the reputed & credible printers / firms / agencies for printing & supply of "Question cum Answer Sheets, Answer Key& Oral questions" for SA-II 2024-25 for Class-I to VIII Students in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II 2024-25 for Class-I to VIII Students | Rs.500/- | Rs.10000/- | 24.02.2025, 05 P.M | 25.02.2025 ,11 A.M |

The detailed BID document is available in the website http://jharsuguda.odisha.gov.in/ http://osepa.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

By the order of Collector-cum-Chairman
District Project Coordinator
SS,Jharsuguda
OIPR-27153/11/0011/2425

O-1480

OFFICE OF THE SUPERINTENDING ENGINEER,
RWS&S DIVISION, BHUBANESWAR.
E-Mail: eebbsrrwss@gmail.com
********
QUOTATION CALL NOTICE No. 14 of 2024-25

Executive Engineer, RWS&S Division, Bhubaneswar on behalf of the Governor of Odisha invites quotations in sealed covers for the following work as stated below from authorised Dealer / Distributor / supplier under following terms and conditions

| | | |
|---|---|---|
| 1 | Nature of work | Supply & Installation of LG 5 Star (1.5 Ton) Split AC with Gold Fin+, Viraat Mode, Dual Inverter Compressor, Diet Mode+, 6-in-1 cooling, 2025 Model (including Stands, copper pipe & other accessories as required) for State Water Testing Laboratory, Khandagiri, Bhubaneswar |
| 2 | No. of Item: | 01(one) |
| 3 | Time for completion | 15 (Fifteen) days |
| 4 | Cost of bidding document : | Rs.600.00 |
| 5 | The quotation document will be available in O/o the Superintending Engineer, RWS&S Division, Bhubaneswar | From Dt. 17.02.2025 (10.00 AM) to dt.27.02.2025 (1.00 PM) |
| 6 | Last date and time for submission Quotation Papers in the quotation box kept in the O/o the Superintending Engineer, RWS&S Division, Bhubaneswar | Dt. 27.02.2025 up to 4.00 P.M |
| 7 | Date & time of opening of Quotation: | Dt.28.02.2025 at 11.00 A.M in Office of the Superintending Engineer, RWS&S Division, Bhubaneswar |

Subsequent corrigendum if any shall be appear in office notice board of the undersigned.

Executive Engineer,
OIPR-25011/11/0009/2425 RWS&S Division, Bhubaneswar

ଉତ୍କଳ ଦୀପିକା | ଶେଷ ପୃଷ୍ଠା

ଭୁବନେଶ୍ୱର
୧୬ ଫେବୃୟାରୀ
ରବିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27








ଭୁବନେଶ୍ୱର : କଳିଙ୍ଗ ହକି ଷ୍ଟାଡିୟମରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍‌ର ଉଦ୍‌ଘାଟନୀ ଦିବସରେ ଭାରତୀୟ ହକି ଖେଳାଳୀଙ୍କ ସହ କରମର୍ଦ୍ଦନ କରିବା ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ। (ଫଟୋ : ସମ୍ବାଦ କଳିକା)

# ବାର୍‌ଡ୍ୟାନ୍ସ କଟକଣା ମାମଲା: ହାଇକୋର୍ଟରେ ଜବାବ ଦେଇପାରିଲେନି ସରକାର

**କଟକ, ୧୫/୦୨**
**ନ୍ୟୁଜ ବ୍ୟୁରୋ**




ଓଡ଼ିଶା ଅବକାରୀ (ସଂଶୋଧିତ) ଆଇନ-୨୦୨୪ ଆଧାରରେ ଭୁବନେଶ୍ୱରର ବିଭିନ୍ନ ଠିପିଖୋଲା ମଦ ବାର୍‌ରେ ଝିଅଙ୍କ ନାଚିବା (ବାର୍ ଡ୍ୟାନ୍ସ) ଉପରେଥିବା କଟକଣାକୁ ବିରୋଧ କରି ରୁଜୁ ମାମଲାରେ ବି ରାଜ୍ୟ ସରକାର ଜବାବ ଦାଖଲ କରିପାରିଲେ ନାହିଁ । ହାଇକୋର୍ଟ ଏନେଇ କ୍ଷୁବ୍ଧ ହେବା ସହ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ଆସନ୍ତା ମଙ୍ଗଳବାରକୁ ସମୟ ଧାର୍ଯ୍ୟ କରିଛନ୍ତି । ଭୁବନେଶ୍ୱରର ହୋଟେଲ୍ ଏକାମ୍ର ଠିପି ଖୋଲା ମଦ ବାର୍ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ଅରିନ୍ଦମ ସିହ୍ନା ଏବଂ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ମାମଲାରୁ ଜଣାଯାଇଛି ଯେ, ରାଜ୍ୟ ସରକାର ନିକଟରେ ରାଜ୍ୟ ଅବକାରୀ ନୀତିରେ ଏକ ସଂଶୋଧନ ଆଣିଥିଲେ । ଯେଉଁଥିରେ କୌଣସି ମଦ ବାର୍‌ରେ ୨୧ବର୍ଷରୁ କମ୍ ବୟସର ଝିଅମାନେ ମ୍ୟୁଜିକାଲ ପ୍ରୋଗ୍ରାମ୍ ବା ଅର୍କେଷ୍ଟ୍ରା କାର୍ଯ୍ୟକ୍ରମରେ ଯୋଗଦେଇପାରିବେ ନାହିଁ ବୋଲି ଉଲ୍ଲେଖ କରାଯାଇଥିଲା । ଏପରିକି ଏଥିରୁ ସ୍ପଷ୍ଟ ଭାବରେ 'ନାଚିବା' ଶବ୍ଦକୁ ହଟାଇ ଦିଆଯାଇଥିଲା। ଫଳରେ ବାର୍‌ରେ ଝିଅମାନଙ୍କ ନାଚିବା ଉପରେ ସମ୍ପୂର୍ଣ୍ଣ କଟକଣା ଲାଗୁ ହୋଇଯାଇଥିଲା। ଏହାକୁ ବିରୋଧ କରି ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସେମାନେ ଦର୍ଶାଇଛନ୍ତି ଯେ, ପେଷାଦାର ବାର୍ ଡ୍ୟାନ୍ସରମାନେ ମଦ ବାର୍‌ରେ ନାଚି ରୋଜଗାର କରିଥାନ୍ତି । ଅର୍ଥ ଉପାର୍ଜନ କରି ସେମାନେ ଏକ ସମ୍ମାନଜନକ ଜୀବନ ବଞ୍ଚିପାରିଥାନ୍ତି । କିନ୍ତୁ ଏଭଳି କଟକଣା ଦ୍ୱାରା ସେମାନଙ୍କ ବଞ୍ଚିବାର ଅଧିକାରକୁ ଛଡ଼ାଇ ନିଆଯାଇଛି । ହାଇକୋର୍ଟ ଏହି ମାମଲାରେ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରିଥିଲେ । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଶରତ କୁମାର ଗଜେନ୍ଦ୍ର ମାମଲା ପରିଚାଳନା କରୁଛନ୍ତି ।



ଭୁବନେଶ୍ୱର : ରାଜଭବନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି କେନ୍ଦ୍ରାପଡା ଲୋକସଭା ସଭ୍ୟ ବୈଜୟନ୍ତ ପଣ୍ଡା। (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ନନ୍ଦିଘୋଷ ଟିଭିର ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରିବା ଅବସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। (ଫଟୋ : ସମ୍ବାଦ କଳିକା)

# ଆଉ ଏକ ମୁଣ୍ଡ ନେଲା ମୋ ବସ୍ : ଚକା ତଳେ ଚାଲିଗଲା ମହିଳାଙ୍କ ଜୀବନ

**ଭୁବନେଶ୍ୱର, ୧୫/୨**
**ନ୍ୟୁଜ ବ୍ୟୁରୋ**

ପୁଣି ମୋ ବସ୍ ଡ୍ରାଇଭରଙ୍କ ବେପାରୁଆ ଗାଡି ଚାଳନାର ଶିକାର ହେଲେ ମହିଳା। ବସ୍ ଚକା ତଳେ ଚାଲିଗଲା ଜଣେ ମହାଳାଙ୍କ ଜୀବନ। ତମାଣ୍ଡୋ ଥାନା ଅଞ୍ଚଳରେ ଥିବା ଓଭରବ୍ରିଜ୍ ତଳେ ଏହି ଦୁର୍ଘଟଣା ଘଟିଛି। ଜଣେ ମହିଳାଙ୍କ ଜୀବନ ନେବାସହ ଏକାଧିକ ଲୋକଙ୍କୁ ଧକ୍କା ଦେଇଥିଲା ମୋ ବସ୍। କେବଳ ସେତିକି ନୁହେଁ, ୧୦୦ ମିଟର ପର୍ଯ୍ୟନ୍ତ ମହିଳାଙ୍କୁ ଘୋଷାଡ଼ି ମଧ୍ୟ ନେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ



ଘଟଣାସ୍ଥଳରେ ମହିଳାଙ୍କ ମୃତ୍ୟୁ ହୋଇଯାଇଥିଲା। ତେବେ ଘଟଣାସ୍ଥଳରେ ଉପସ୍ଥିତ ଥିବା ଲୋକମାନଙ୍କ ମଧ୍ୟରେ ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। କିଛି ଦିନ ତଳେ ଭୁବନେଶ୍ୱରର ନନ୍ଦନକାନନ ନିକଟରେ ଜଣେ ଛୋଟ ଝିଅ ରାସ୍ତା ପାର ହେଉଥିବା ବେଳେ ମୋ ବସ୍ ଚଢ଼ିଯାଇଥିଲା। ଫଳରେ ଝିଅଟିର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ସେହିପରି ୨୦୨୪ ନଭେମ୍ବର ୨ ତାରିଖରେ ଚନ୍ଦ୍ରଶେଖରପୁରରେ ମୋ ବସ୍ ଦୁର୍ଘଟଣାରେ ବାମ ହାତ ହରାଇଥିଲେ ଜଣେ ଯୁବତୀ। ୨୦୨୪ ଅକ୍ଟୋବରରେ କଟକ ନେତାଜୀ ବସ୍ ଟର୍ମିନାଲ ନିକଟରେ ବସ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିଲା। ଜାନୁଆରୀ ୨୩ରେ ରାଜମହଲ-ମାଷ୍ଟରକ୍ୟାଣ୍ଟିନ ଛକରେ ମୋ ବସ୍ ଦ୍ୱାରା ହୋଇଥିବା ସିରିଜ୍ ଦୁର୍ଘଟଣାରେ ୪ ଜଣ ଆହତ ହୋଇଥିଲେ। ୨୦୨୨ରେ ମୋ ବସ୍ ଧକ୍କାରେ ୧୯୭ ଜଣ ଆହତ ହୋଇଥିବା ବେଳେ, ୨୦୨୩ରେ ୨୮୨ ଜଣ ଏବଂ ୨୦୨୪ରେ ଏହି ସଂଖ୍ୟା ଆହୁରି ବଢିବଢି ଚାଲିଛି। ସରକାର ଏନେଇ ଠୋସ ପଦକ୍ଷେପ ନେଉ ନଥିଲା ବେଳେ ଏହାକୁ ନେଇ ଲୋକମାନଙ୍କ ଭିତରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇଛି।

# ଛୁଟି ନେଲେ ମୁଖ୍ୟ ସଚିବଙ୍କୁ ଜଣାଇବେ ଆଇଏଏସ୍

**ଭୁବନେଶ୍ୱର, ୧୫।୨**
**ନ୍ୟୁଜ ବ୍ୟୁରୋ**

ଛୁଟି ନେଲେ ମୁଖ୍ୟ ସଚିବଙ୍କୁ ଜଣାଇବେ ଆଇଏଏସ। ହେଡକ୍ୱାର୍ଟର ଛାଡ଼ିବା ପୂର୍ବରୁ ଓ କୌଣସି ପ୍ରକାର ଛୁଟି ନେବା ପୂର୍ବରୁ ମୁଖ୍ୟ ଶାସନ ସଚିବଙ୍କୁ ଜଣାଇବେ ଆଇଏଏସ ଅଧିକାରୀ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶ ଜାରି କରାଯାଇଛି। କେତେ ଜଣ ଆଇଏଏସ ମୁଖ୍ୟ ଶାସନ ସଚିବଙ୍କ ଅନୁମତି ନ ନେଇ ଛୁଟିରେ ରହୁଥିବାରୁ ଏପରି ନିର୍ଦ୍ଦେଶ ଜାରି କରାଯାଇଛି। ଆଇଏଏସ ଅଫିସରମାନେ ସିଏଲ, ଇଏଲ, ସିସିଏଲ, କମ୍ୟୁଟେଡ ଛୁଟି ରହିବା ପାଇଁ ମୁଖ୍ୟ ସଚିବଙ୍କ ଠାରୁ ଛୁଟି ନେବାକୁ ପଡିବ ବୋଲି ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି।

# ପାରାଦୀପର ବିଭିନ୍ନ ସ୍ଥାନରେ କ୍ରାଇମବ୍ରାଞ୍ଚର ଚଢଉ: ଟନ୍ ଟନ୍ କୋଇଲା ଜବତ, ଜଣେ ଗିରଫ

**ଭୁବନେଶ୍ୱର, ୧୫/୦୨**
**ନ୍ୟୁଜ ବ୍ୟୁରୋ**

ପାରାଦୀପରେ ଲମ୍ବିଛି ଚୋରା କୋଇଲା ବ୍ୟବସାୟର ଚେର । ଟ୍ରେନ୍ ଯୋଗେ ବିଭିନ୍ନ କମ୍ପାନୀକୁ ଯାଉଥିବା ବେଳେ ଅଧା ବାଟରେ କୋଇଲା କାଢି ବିକ୍ରି କରୁଛନ୍ତି ଦୁର୍ବୃତ୍ତ। ଏହି ଘଟଣାରେ ଜଣକୁ ଗିରଫ କରି ଏକ ବାଇକ୍ ସହ ଟନ୍ ଟନ୍ କୋଇଲା ଜବତ କରିଛି କ୍ରାଇମବ୍ରାଞ୍ଚ । ଜଗତସିଂହପୁର ଜିଲ୍ଲା ପାରାଦୀପ ଅଞ୍ଚଳରେ ଏଭଳି ଘଟଣା ଘଟିଥିବାର ସୂଚନା ମିଳିଛି । ସୂଚନା ମୁତାବକ, ଗତ ରାତିରେ ପାରାଦ୍ୱୀପ ସିକୁ ରେଲୱେ ଷ୍ଟେସନ



ନିକଟରେ କିଛି ବ୍ୟକ୍ତି କୋଇଲା କାଢିଥିବା ନେଇ ପୋଲିସ ଖବର ପାଇଥିଲା। ଖବର ପାଇ ରେଲୱେ ସୁରକ୍ଷା ବଳ ସେଠାରେ ପହଞ୍ଚି ପାଖାପାଖି ୫ ଟନ୍‌ର କୋଇଲା ଉଦ୍ଧାର କରିଥିବା ବେଳେ ଗୋଟିଏ ବାଇକ୍ ଜବତ କରିଥିଲେ । ଘଟଣାର ତଦନ୍ତ ରେଲୱେ କ୍ରାଇମବ୍ରାଞ୍ଚ ନିଜ ହାତକୁ ନେଇ ପାରାଦୀପରେ ଚଢ଼ଉ କରିଥିଲା। କୋଇଲା ଚୋରି ରାକେଟର ଜଣଙ୍କୁ ଗିରଫ କରିବା ପରେ ବିଳମ୍ବିତ ରାତିରେ ପାରାଦୀପର ବିଭିନ୍ନ ସ୍ଥାନରେ ଚଢ଼ଉ ଆରମ୍ଭ କରିଥିଲା। ଏଥିରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନେ ଫେରାର ହୋଇଯାଇଥିବା ବେଳେ, ଦୋଛକି ନିକଟ ଏକ ପାଲ ଘେରା ଘରୁ ୩୦ ଟନ୍ ଚୋରା କୋଇଲା ଓ ତେଲ ଜବତ କରିଥିଲା କ୍ରାଇମବ୍ରାଞ୍ଚ । ଏହି ଘଟଣାରେ ପୋଲିସ ସହାୟତାରେ କ୍ରାଇମବ୍ରାଞ୍ଚ ଟିମ୍ ପାରାଦୀପ ଅଠରବାଙ୍କି ନିକଟ କଲୋନୀରୁ ବିପୁଳ ପରିମାଣର ରୋଚା କୋଇଲା ଜବତ କରିଛି। ଏହି ମୂଲ୍ୟବାନ କୋଇଲା ଗୁଡିକୁ ଚୋରି କରାଯାଇ କଲୋନୀର ବିଭିନ୍ନ ସ୍ଥାନରେ ରଖାଯାଇ ପରେ ଟ୍ରକ୍ ଯୋଗେ ବାହାର ଜିଲ୍ଲାରେ ବିକ୍ରି କରାଯାଏ। ଜବତ କୋଇଲାକୁ ବନ୍ଦର ସିଆଇଏସଫ ଓ କ୍ରାଇମବ୍ରାଞ୍ଚ ଉପସ୍ଥିତିରେ ମୂଲ୍ୟ ଆକଳନ କରାଯିବ ବୋଲି ସୂଚନା ମିଳିଛି।

# ଶିମିଳିପାଳ ଅଭୟାରଣ୍ୟରୁ ୬ ଶିକାରୀ ଗିରଫ
## ୩ଟି ଦେଶୀ ବନ୍ଧୁକ ସହ ଜାଲ ଜବତ

**ବାରିପଦା ୧୫/୨ ନ୍ୟୁଜ ବ୍ୟୁରୋ**

ଲୁଚି ଛପି ପଶି ଶିକାର କରିଥିଲେ । କିନ୍ତୁ ସେମାନଙ୍କୁ ଦେଖି ନେଇଛି କ୍ୟାମେରା ଲେନ୍ସ । କ୍ୟାମେରାରେ କଏଦ ଫଟୋକୁ ଆଧାର କରି ପୋଲିସ ସେମାନଙ୍କ ନିକଟରେ ପହଞ୍ଚିଛି । ଶିମିଳପାଳରୁ ଆସିଛି ଖବର । ଶିମିଳିପାଳ ଅଭୟାରଣ୍ୟରେ ପଶି ଶିକାର କରୁଥିବା ୬ ଶିକାରୀଙ୍କୁ ଗିରଫ କରାଯାଇଛି । ଗିରଫ ୬ ଜଣ ହେଲେ ଖୁଣ୍ଟା ଥାନା ଭୂପଡ ଅଞ୍ଚଳର ବୁଦ୍ଧିଆ ହେମ୍ବ୍ରମ, ସୁବର୍ଣ୍ଣମଞ୍ଜରୀ ଅଞ୍ଚଳର ରଥ ସିଂ, ବାଉଲା ସିଂ,ନୂଆଗାଁ ଅଞ୍ଚଳର ମିଥୁନ ହେମ୍ବ୍ରମ,ଲକ୍ଷ୍ମଣ ସୋରେନ ଓ ପ୍ରଧାନ ସୋରେନ । ସେମାନଙ୍କ ନିକଟରୁ ୩ଟି ଦେଶୀ ବନ୍ଧୁକ ସହ ଗୋଟିଏ ଜାଲ ଜବତ କରାଯାଇଛି । ଗିରଫ ୬ ଶିକାରୀ ବେଆଇନ ଭାବେ ଶିମିଳିପାଳ ଅଭୟାରଣ୍ୟକୁ ପ୍ରବେଶ କରି ମାଉସ ଡିଅର ଶିକାର କରିଥିଲେ। ତେବେ ଏଆଇ କ୍ୟାମେରା ଫୋଟକୁ ଆଧାର କରି ସେମାନଙ୍କୁ ଗିରଫ କରାଯିବା ସହିତ ତାଙ୍କ ନିକଟରୁ ୩ଟି ଦେଶୀ ବନ୍ଧୁକ ସହିତ ଗୋଟିଏ ଜାଲ ଜବତ କରାଯାଇଛି। ସମସ୍ତଙ୍କୁ ବାରିପଦା ସ୍ଥିତ ସିଜିଏମ୍ କୋର୍ଟକୁ ଚାଲାଣ କରାଯାଇଥିବା କହିଛନ୍ତି ଶିମିଳିପାଳ ଡେପୁଟି ଡାଇରେକ୍ଟର ସମ୍ରାଟ ଗୌଡା।

# ନକଲି ଇଞ୍ଜିନ ଅଏଲ କାରଖାନାରେ ଚଢ଼ଉ : ଜଣେ ଗିରଫ

**ଭୁବନେଶ୍ୱର, ୧୫।୨**
**ନ୍ୟୁଜ ବ୍ୟୁରୋ**

କଟକ କାନପୁର ଅଞ୍ଚଳରେ ଦୀର୍ଘ ଦିନ ଧରି ଚାଲିଥିବା ଏକ ନକଲି ଇଞ୍ଜିନ ଅଏଲ କାରଖାନାରେ ପୋଲିସ ଚଢଉ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କାନପୁର ଅଞ୍ଚଳର ଜଗନ୍ନାଥ ସାହିର ବିକାଶ ସାହୁ। ଜଗନ୍ନାଥ ସାହିର ବିକାଶ ସାହୁ ନିଜ ଘରେ ପୋଡା ନକଲି ଇଞ୍ଜିନ ଅଏଲକୁ ରିଫାଇନିଂ କରୁଥିଲା। ସେଥିରେ ବିଭିନ୍ନ ନାମୀଦାମୀ କମ୍ପାନୀର ନକଲି ଲୋଗୋ ଲଗାଇ ବଜାରକୁ ବିକ୍ରି ପାଇଁ ଛାଡୁଥିଲେ। ସୂଚନା ପାଇ ପୋଲିସ ଚଢଉ କରି ବିପୁଳ ପରିମାଣର ନକଲି ଇଞ୍ଜିନ ଅଏଲ ଜବତ କରିଥିଲା। ଏଥିସହ ଅଭିଯୁକ୍ତଙ୍କ ନିକଟରୁ ନଗଦ ତିନି ଲକ୍ଷ ଟଙ୍କା ଜବତ କରିଛି। କାନପୁର ପୋଲିସ ଅଭିଯୁକ୍ତକୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି।


ସମ୍ପାଦକୀୟ ପୃଷ୍ଠା-୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
12-18th February 2025 • Bhubaneswar
ବର୍ଷ ଆରମ୍ଭରୁ ଦୁର୍ନୀତି ଉପରେ ପାହାର: ମାସକରେ ବନ୍ଧାହେଲେଣି ୭
୨୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ : ୯ ଦୋଷୀ ସାବ୍ୟସ୍ତ
ପାଠରେ କମ୍ ଖେଳରେ ଟପ୍ ଭାରତ ଖେଳାଳୀ

**ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଚାରା ଲଗାଇବାକୁ ଅଢ଼େଇ କୋଟି ଉଡ଼ାଇ ଦେଲା ବିଏମ୍‌ସି

**ଭୁବନେଶ୍ୱର, ୧୫/୦୨**
**ନ୍ୟୁଜ ବ୍ୟୁରୋ**

ସହର ସାରା ନିମ୍ବ, ବେଲ, ଅର୍ଜୁନ ଆଦି ଗଛ ଚାରା ଲଗାଇବାକୁ ବିଏମ୍‌ସି ଆରମ୍ଭ କଲା ଅଭିଯାନ । ଛୋଟ ମୋଟ ନୁହେଁ, ପୂରା ମେଗା ଅଭିଯାନ। ଗୋଟିଏ ଗୋଟିଏ ଚାରା ପିଛା ୧୫୬୮ ଟଙ୍କା ଖର୍ଚ୍ଚ କରିଛି ବୋଲି ତାଲିକା ଥୋଇଲା । ଏମିତି ଭାବେ ୪୦ ହଜାର ଗଛ ପାଇଁ ୨.୫ କୋଟି ଉଡ଼ାଇ ଦେଲା। ଏବେ ୫୦ ଭାଗ ଗଛ ଅନ୍ତର୍ଦ୍ଧାନ ହୋଇଗଲାଣି । ଚାରାର ସୁରକ୍ଷା ପାଇଁ ଲାଗିଥିବା ବାଡ଼ର ବି ଚିହ୍ନବର୍ଣ୍ଣ ମିଳୁନି । ପାତ୍ରପଡାରେ ମିଆୱାକି ପଦ୍ଧତିରେ ଗଛ ଲାଗିଥିଲା । ଏବେ ଗଛ ସବୁ ଶୁଖି ମରିଗଲାଣି । ଅଧେ ଦରମଲା ଅବସ୍ଥାରେ । ବାଉଁଶ ବାଡ଼ ଭାଙ୍ଗିଗଲାଣି । ତିରୁମାଳା ତିରୁପତି ମଣ୍ଡପ ପାର୍ଶ୍ୱ ରାସ୍ତା ପାଖରେ ବିଏମ୍‌ସି ୨୦୦ରୁ ଊର୍ଦ୍ଧ୍ୱ ଗଛ ଲଗାଇଥିଲା ।



ସେଥିରୁ ଅଧେ ମରିଗଲାଣି । ମିଆୱାକି ପଦ୍ଧତିରେ ୯ଟି ସ୍ଥାନରେ ଲାଗିଥିବା ଗଛର ଅବସ୍ଥା ଏମିତି । ଏହାବ୍ୟତୀତ ବିଭିନ୍ନ ୱାର୍ଡରେ ବିଏମ୍‌ସି ପକ୍ଷରୁ ଚାରା ରୋପଣ ହୋଇଥିଲା । ମଶାଣି, ରାସ୍ତା ପାଖ ଏବଂ ଅନ୍ୟସ୍ଥାନରେ ବିଏମ୍‌ସି ଚାରା ପୋତିଥିଲା । ଏହାକୁ ସୁରକ୍ଷିତ ରଖିବାକୁ ବିଏମ୍‌ସି ଟ୍ରି ଗାର୍ଡ ଦେଇଥିଲା। ହେଲେ ଏବେ ଅଧିକାଂଶ ଗଛ ପାଖରେ ଟ୍ରି ଗାର୍ଡ ନାହିଁ । ବିଭିନ୍ନ ୱାର୍ଡରେ ଲାଗିଥିବା ଗଛ ଲଗା କ୍ଷେତ୍ରରେ ଯେଉଁ ତଥ୍ୟ ସାମ୍ନାକୁ ଆସିଛି ତାହା ସମସ୍ତଙ୍କୁ ବିସ୍ମିତ କରିଛି । ବିଏମ୍‌ସିରୁ ମିଳିଥିବା ତଥ୍ୟ ମୁତାବକ, ପ୍ରତି ଚାରା କିଣା ପିଛା ୫୩.୧୦ ପଇସା ଖର୍ଚ୍ଚ ଧାର୍ଯ୍ୟ ହୋଇଥିଲା । ଏହା ସହ ଗଛ ପୋତିବାକୁ ୫୨.୯୦ ପଇସା ସ୍ଥିର ହୋଇଥିଲା । ସେହିପରି ପ୍ରତି ଚାରାକୁ ବୁଲା ଗୋରୁଙ୍କ କବଳରୁ ବଞ୍ଚାଇବାକୁ ଟ୍ରି ଗାର୍ଡ ଲାଗିବ । ପ୍ରତି ଟ୍ରି ଗାର୍ଡ ପିଛା ୧୪୬୨ ଟଙ୍କା ଖର୍ଚ୍ଚ କରିବାକୁ ଧାର୍ଯ୍ୟ ହୋଇଥିଲା । ଏପରି ଭାବେ ମୋଟ ୧୫୬୨ ଟଙ୍କା ସ୍ଥିର ହୋଇଥିଲା । ଗଛ ଚାରା ବନ ବିଭାଗ ଦେଇଥିବା ବେଳେ ଟ୍ରି ଗାର୍ଡ ବିଏମ୍‌ସି ଯନ୍ତ୍ରୀ କିଣିଥିଲେ। ୫୨ ଟଙ୍କିଆ ଗଛ ଚାରାର ସୁରକ୍ଷା ପାଇଁ ୧୫ ଟଙ୍କିଆ ବାଡ଼ ଦେଇଥିଲା ବିଏମ୍‌ସି । ଏଥିରେ ବି ହେରଫେର ହୋଇଛି । ବିଏମ୍‌ସି ପକ୍ଷରୁ ୧୨,୦୦୦ ଟ୍ରି ଗାର୍ଡ କିଣାଯାଇଥିଲା। ଏ ବାବଦରେ ୧ କୋଟି ୭୫ ଲକ୍ଷ ୪୬ ହଜାର ୬୫ ଟଙ୍କା ଖର୍ଚ୍ଚ ହୋଇଥିଲା । ହେଲେ ଆଶ୍ଚର୍ଯ୍ୟର ବିଷୟ ଏବେ ଏହି ଟ୍ରି ଗାର୍ଡର ପତ୍ତା ମିଳୁନି । ଯେଉଁ କିଛି ସ୍ଥାନରେ ଅଛି ସେଠାରେ ଚଞ୍ଚକତା ରହିଛି। ଲୁହା ତାର ଜାଲି ବଦଳରେ ପ୍ଲାଷ୍ଟିକ ଟ୍ରି ଗାର୍ଡ ବ୍ୟବହାର ହୋଇଛି । ସେଥିରେ ଜିଆଇ ବର୍ଡର ଦିଆଯାଇଛି। ଗଛ ପୋତିବାରେ ବି ସମାନ ହେରଫେର ଅଭିଯୋଗ ହୋଇଛି। ବନ ବିଭାଗର ନିୟମ ଅନୁସାରେ ୧୦୦୦ ଚାରା ପୋତିବା ପାଇଁ ପିଛା ୧୬ ଜଣ ନିୟୋଜିତ ରହିବେ। ସେମାନଙ୍କୁ ଜଣପିଛା ନିୟମ ଅନୁସାରେ ୪୫୨ ଟଙ୍କା ଦିଆଯିବ। ଏହି ହିସାବ ଦେଖିଲେ ହଜାରେ ଗଛକୁ ୭୨୩୨ ଟଙ୍କା ଖର୍ଚ୍ଚ ହେବ। ଅର୍ଥାତ ଗଛ ପିଛା ୭.୩୨ ପଇସା। ଏଥିରେ ପରିବହନ, ଖତକୁ ମିଶାଇଲେ ଅତି ବେଶିରେ ୨୦ ଟଙ୍କା ଖର୍ଚ୍ଚ ହେବ। ହେଲେ ଏହାକୁ ୫୨.୧୦ ପଇସା ଦେଖାଇଛନ୍ତି । ଖାଲି ଏତିକି ନୁହେଁ, ପ୍ରତିଗଛର ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତା ଅତି ବେଶିରେ ୪୫ ବର୍ଗ ଫୁଟ ରହିବା କଥା, ହେଲେ ଅଧିକାଂଶ ଗଛ ପ୍ରାୟ ୨୦ମିଟରରେ ପୋତା ହୋଇଛି । ଫଳରେ ଗଛ ଚେର ଭିତରକୁ ପ୍ରବେଶ କରି ନ ପାରିବାରୁ ମରିଯାଉଛି । ଏହି ଗଛ କିଣା ଓ ଲଗାଇବାରେ ହେରଫେର ହୋଇଥିବା ନେଇ ଖୋଦ୍ ଜଣେ କର୍ପୋରେଟର ପ୍ରସଙ୍ଗ ଉଠାଇ ଜବାବ ମାଗିଥିଲେ । ଯାହାକୁ ନେଇ ଚର୍ଚ୍ଚା ଲାଗି ରହିଛି । ସହର ଭିତରେ ନବୀକରଣ ପାଇଁ ବିଏମ୍‌ସି ବିଭିନ୍ନ ୱାର୍ଡରେ ଗଛ ଲଗାଇବା ସହ ମିଆୱାକି ପଦ୍ଧତିରେ ଗଛ ରୋପଣ କରିଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସହରକୁ ସବୁଜ କରିବାକୁ । ହେଲେ ସବୁଜ ନାଁରେ ହରିଲୁଟ ନେଇ ଅଭିଯୋଗ ହୋଇଛି । ଏ ସମ୍ପର୍କରେ ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଚାରା ସୁରକ୍ଷା ପାଇଁ ଆସିଥିବା ଗାର୍ଡ ଗୁଡ଼ିକ କୁଆଡ଼େଗଲା ତାହାର ଆମେ ତଦନ୍ତ କରିବୁ । କେଉଁ କେଉଁ ସ୍ଥାନରେ ଚାରା ରୋପଣ ହୋଇଥିଲା ଓ ତାହାର ଅବସ୍ଥା ଏବେ କ'ଣ ରହିଛି ତଦାରଖ କରାଯିବ।